ଧରିତ୍ରୀ
DHARITRI
ରାୟଗଡ଼ା,ଗୁରୁବାର, ଅକ୍ଟୋବର ୨୮/୨୦୨୧ (୮+୮=୧୬ ପୃଷ୍ଠା) | Rayagada, Thursday, October 28/2021
୧୧ଶ ଭାଗ ୨୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



### ଡିସେମ୍ବରରେ ରଣବୀରଙ୍କ ବିବାହ ଚର୍ଚ୍ଚା

ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କୁ କପୁର ସନ୍ ରଣବୀର କପୁର ଆସନ୍ତା ଡିସେମ୍ବରରେ ଇଟାଲିରେ ବିବାହ କରିପାରନ୍ତି। ୦୭

୦୮

### ବିପ୍ଲବଙ୍କ ଅପରାଜିତ ଶତକ

ଇକୋର୍ସା ବିପକ୍ଷ କଳାହାଣ୍ଡି କପ୍ ସୁପର ଲିଗ୍ ଫାଇନାଲରେ ଶତକ ହାସଲ କରିଛନ୍ତି କଟକ 'ଏ'ର ବିପ୍ଲବ ସାମନ୍ତରାୟ।



# ସୁପ୍ରିମ୍‌କୋର୍ଟ କମିଟି ତଦନ୍ତ କରିବ

*ଅଭିବ୍ୟକ୍ତି ସ୍ୱାଧୀନତା ଉପରେ ପ୍ରତିକୂଳ ପ୍ରଭାବ ଏକ ଆକ୍ରମଣ। କେବଳ ନ୍ୟାୟ କଲେ ହେବ ନାହିଁ, ନ୍ୟାୟ କରାଯାଉଛି ବୋଲି ପ୍ରତୀୟମାନ ହେବା ଜରୁରୀ। ଇସ୍ରାଏଲର ଏନ୍‌ଏସ୍‌ଓ ଗ୍ରୁପ୍ ପକ୍ଷରୁ ବିକଶିତ ପେଗାସସ୍ ସ୍ପାଏୱେର ବ୍ୟବହାର ନେଇ କେନ୍ଦ୍ର ସରକାର ଏକ ବିଶେଷଜ୍ଞ କମିଟି ଗଠନ ପାଇଁ ଦାଏର କରିଥିବା ପିଟିଶନକୁ ସୁପ୍ରିମକୋର୍ଟ ବୁଧବାର ଖାରଜ କରି ଉପରୋକ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ୪୬ ପୃଷ୍ଠା ସମ୍ବଳିତ ରାୟରେ କହିଛନ୍ତି, ଦେଶର ନାଗରିକମାନଙ୍କ ବିରୋଧରେ କେନ୍ଦ୍ର ସ୍ପାଏୱେର ବ୍ୟବହାର କରି ଗୁପ୍ତଚରଗିରି କରିଛି କି ନାହିଁ ତାହା ସ୍ପଷ୍ଟ କରିବା ଲାଗି ସରକାରଙ୍କୁ ବିଶେଷଜ୍ଞ କମିଟି ଗଠନ ନିମନ୍ତେ ଅନୁମତି ଦେବା ପ୍ରତିଷ୍ଠିତ ନ୍ୟାୟିକ ସିଦ୍ଧାନ୍ତର ପରିପନ୍ଥୀ। କାରଣ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ନିଜେ ଏକ ପକ୍ଷ। ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ହିଁ ଏହାର ତଦନ୍ତ କରାଯିବ ବୋଲି ୩ ଜଣିଆ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।*




- ସ୍ପାଏୱେର ଦୁରୁପଯୋଗ ନେଇ ତଦନ୍ତ କରିବ ୩ ଜଣିଆ କମିଟି
- ୮ ସପ୍ତାହ ଭିତରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ
- ଜର୍ଜ ଓର୍‌ୱେଲଙ୍କ '୧୯୮୪'ର ଉଦାହରଣ ସହ ରାୟ ଶୁଣାଇଲେ ସିଜେଆଇ

**ନୂଆଦିଲ୍ଲୀ,୨୭।୧୦**

ଭାରତୀୟ ରାଜନେତା, ବିଚାରପତି, ଖବରଦାତା ଓ ସାମାଜିକ କର୍ମୀଙ୍କ ବିରୋଧରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପେଗାସସ୍ ସ୍ପାଏୱେର ବ୍ୟବହାରର ତଦନ୍ତ କରାଯିବ। ଏଥିସହ ପ୍ରିଭେସି ଅଧିକାର ଉଲ୍ଲଂଘନର ମଧ୍ୟ ଯାଞ୍ଚ କରାଯିବ। ଏଥିପାଇଁ ବୁଧବାର ସୁପ୍ରିମକୋର୍ଟ ଏକ ୩ ଜଣିଆ ବିଶେଷଜ୍ଞ କମିଟି ଗଠନ କରିଛନ୍ତି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଆର.ଭି. ରବୀନ୍ଦ୍ରନଙ୍କ ଅଧ୍ୟକ୍ଷତାରେ ଗଠିତ ଉକ୍ତ କମିଟିରେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଆଲୋକ ଜୋଷୀ ଓ ଟେକ୍ନୋକ୍ରାଟ୍ ସନ୍ଦୀପ ଓବେରଏଙ୍କୁ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ଯେପରି ଆସନ୍ତା ୮ ସପ୍ତାହ ମଧ୍ୟରେ ଏହି ସମ୍ବେଦନଶୀଳ ମାମଲାର ପୁନଃ ବିଚାର କରାଯାଇପାରିବ ସେଥିଲାଗି ତ୍ୱରିତ ତଦନ୍ତ କରି ସମୟବଦ୍ଧ ଭାବେ ରିପୋର୍ଟ ଦାଖଲ ପାଇଁ ନବଗଠିତ ଟେକ୍ନିକାଲ ଏକ୍ସପର୍ଟ ପ୍ୟାନେଲକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

୩୦୦ରୁ ଉର୍ଦ୍ଧ୍ୱ ଭାରତୀୟଙ୍କ ମୋବାଇଲ ଫୋନକୁ ପେଗାସସ୍ ସ୍ପାଏୱେର ସର୍ଭିଲାନ୍ସରେ ଟାର୍ଗେଟ କରାଯାଇଥିବା ନେଇ ଗତ ଜୁଲାଇ ୧୮ରେ ଏକ ଅନ୍ତର୍ଜାତୀୟ ଗଣମାଧ୍ୟମ ଗୋଷ୍ଠୀ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇବା ପରେ ଦେଶରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିଲା। ପେଗାସସ୍ କେଲେଙ୍କାରୀ ପ୍ରଘଟ ହେବା ପରେ ଅନେକ ବିଶିଷ୍ଟ ବ୍ୟକ୍ତି ଓ ସଂସ୍ଥା ଏହାର ନିରପେକ୍ଷ ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବୁଧବାର ଏ ସମ୍ପର୍କିତ ଏକାଧିକ ପିଟିଶନର ଶୁଣାଣି କରି ସିଜେଆଇ ରମନା ଇଂଲିଶ୍ ଲେଖକ ଜର୍ଜ ଓର୍‌ୱେଲଙ୍କ ପ୍ରସିଦ୍ଧ ଉପନ୍ୟାସ '୧୯୮୪'ର ଏକ ଉଦାହରଣ ସହ ରାୟ ଦେଇଥିଲେ। ☞ପୃଷ୍ଠା-୪

## ନଭେମ୍ବରରେ ଖୋଲିପାରେ ପ୍ରଥମରୁ ସପ୍ତମ

### ପରିସ୍ଥିତିକୁ ଦେଖି ନିଷ୍ପତ୍ତି ନେବେ ସରକାର: ମନ୍ତ୍ରୀ

**ଭୁବନେଶ୍ୱର,୨୭।୧୦(ବ୍ୟୁରୋ)**

କରୋନା ମହାମାରୀ ଯୋଗୁ ଗତ ୨ ବର୍ଷ ହେବ ଶିକ୍ଷାନୁଷ୍ଠାନ ପୂର୍ଣ୍ଣମାତ୍ରାରେ ଚାଲି ପାରିନାହିଁ। ମହାମାରୀ ପ୍ରକୋପ ହ୍ରାସ ପାଇଥିବାରୁ ରାଜ୍ୟ ସରକାର ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଦୀପାବଳି ପରେ ଏନେଇ ନିଷ୍ପତ୍ତି ନିଆଯିବ। ଏବେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ୍ ଖୋଲିଛି। ପ୍ରାୟ ୨ ବର୍ଷ ଧରି ଶିକ୍ଷା ବର୍ଷ ପ୍ରଭାବିତ ହୋଇଥିବାରୁ ଏବେ ସ୍କୁଲ ଖୋଲିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ ହେଉଛି। କିନ୍ତୁ ସରକାର ସବୁ ସମୟରେ ସ୍ୱାସ୍ଥ୍ୟକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଦଶହରା ପରେ ସଂକ୍ରମଣ ବଢୁଥିବାରୁ ସରକାର ଟେଷ୍ଟିଂ ମଧ୍ୟ ବଢ଼ାଇଛନ୍ତି। ତୃତୀୟ ଲହର ଆସିବାର ସମ୍ଭାବନା କମ୍ ରହିଛି। ଦୀପାବଳି ପରେ ସ୍ଥିତିକୁ ବିଚାର କରି ସରକାର ପ୍ରଥମରୁ ସପ୍ତମ ଶ୍ରେଣୀ ☞ପୃଷ୍ଠା-୪

ସ୍ୱର୍ଣ୍ଣ ଋଣ ବନ୍ଧକ ଏବେ ଆପଣଙ୍କ ଦ୍ୱାର ନିକଟରେ
ମାସକୁ 73 ପଇସା
*8.8% ବାର୍ଷିକ
*T&C Apply
MANAPPURAM
ASSET FINANCE LIMITED
TOLL FREE : 18005729787
PH : 9178868951, 9020421716

**ଆଜିର ସମ୍ପାଦକୀୟ**

ବିଶ୍ୱ କ୍ଷୁଧା ସୂଚକାଙ୍କ ଓ ଭାରତ

## ସନ୍ଦିଗ୍ଧ ମହିଳାଙ୍କ ରାଜସ୍ଥାନ ଲିଙ୍କ୍: ଏଡିଜି

### ଡିଆରଡିଓ ତଥ୍ୟ ଲିକ୍ ମାମଲା

### ମିଲିଟାରି ଇଞ୍ଜିନିୟରିଂ ସର୍ଭିସ୍‌ର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚୋରି

**କଟକ ଅଫିସ,୨୭।୧୦**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ(ଡିଆରଡିଓ) ତଥ୍ୟ ଲିକ୍ ମାମଲାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଓଡ଼ିଶା ପରେ ରହସ୍ୟମୟୀ ମହିଳାଙ୍କ ରାଜସ୍ଥାନ ଲିଙ୍କ୍ ରହିଥିବା କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ବୁଧବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପଣ୍ଡା କହିଛନ୍ତି ଯେ, ସମ୍ପୃକ୍ତା ରହସ୍ୟମୟୀ ଚାନ୍ଦିପୁରସ୍ଥିତ ଡିଆର୍‌ଡିଓର ୫ଜଣ କର୍ମଚାରୀଙ୍କୁ ହନିଟ୍ରାପ୍‌ରେ ଛନ୍ଦିବା ଭଳି ରାଜସ୍ଥାନ ଯୋଧପୁରସ୍ଥିତ ମିଲିଟାରି ଇଞ୍ଜିନିୟରିଂ ସର୍ଭିସ(ଏମ୍‌ଇଏସ୍)ର ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଜାଲରେ ଫସାଇଛନ୍ତି। ଉକ୍ତ କର୍ମଚାରୀ ଜଣକ ଏମ୍‌ଇଏସ୍‌ର ବହୁ ଗୁରୁତ୍ୱପୂର୍ଣ୍ଣ ଚିଠିପତ୍ରର ଫଟୋ ସମ୍ପୃକ୍ତା ମହିଳାଙ୍କ ନିକଟକୁ ପଠାଉଥିଲେ ବୋଲି ଜଣାପଡ଼ିଛି। ଏନେଇ ଗତ ଅକ୍ଟୋବର ୧୫ରେ ରାଜସ୍ଥାନ କ୍ରାଇମ୍ ଇନ୍‌ଭେଷ୍ଟିଗେଶନ୍ ଡିପାର୍ଟମେଣ୍ଟ(ସିଆଇଡି) ଏକ ମାମଲା ରୁଜୁ କରି ଓଡ଼ିଶା କ୍ରାଇମବ୍ରାଞ୍ଚର ସହାୟତା ଲୋଡ଼ିଛି। ସେହିପରି ଓଡ଼ିଶାରୁ ଗିରଫ ହୋଇଥିବା ୫ଜଣଙ୍କ ମଧ୍ୟରୁ ଜଣଙ୍କ ଆକାଉଣ୍ଟକୁ ୨ଟି କିସ୍ତିରେ ଆସିଥିବା ୩୮ହଜାର ଟଙ୍କାର ଠିକଣା ମିଳିଛି। ସେଥିମଧ୍ୟରୁ ୨୪ ହଜାର ଟଙ୍କା ଦୁବାଇସ୍ଥିତ ଲୁଲୁ ଇଣ୍ଟରନ୍ୟାଶନାଲ ମନି ଏକ୍ସଚେଞ୍ଜ ସେଣ୍ଟରରୁ ଏହି ଟଙ୍କା ଆସିଥିଲା। ବଳକା ୧୪ ହଜାର ଟଙ୍କାର ତଥ୍ୟ ଏପର୍ଯ୍ୟନ୍ତ ମିଳିନାହିଁ। ଏନେଇ ତଦନ୍ତ ଚାଲିଛି। ଏବେବି ରହସ୍ୟମୟୀଙ୍କ ଫେସବୁକ୍ ଆକାଉଣ୍ଟ ☞ପୃଷ୍ଠା-୪

ଆଗକୁ ଆସୁଛି ଧନତେରାସ ଓ ଦୀପାବଳୀ । ନୂଆ ବେଶ ପୋଷାକ, ଅଳଙ୍କାର କିଣିବା ପାଇଁ ସଭିଙ୍କ ମନରେ ଉତ୍ସାହ । ଏହି ଅବସରରେ ଲାଲ୍‌ଚାନ୍ଦ୍ ଜୁଏଲର୍ସ ମଧ୍ୟ ଗ୍ରାହକମାନଙ୍କ ପାଇଁ ନେଇ ଆସିଛି ଲାଟେଷ୍ଟ୍ ଜୁଏଲାରୀ ଡିଜାଇନ୍ ଓ ଆକର୍ଷଣୀୟ ଅଫର ।

ଏ ସଂପର୍କରେ ଲାଲ୍‌ଚାନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ତଥା ଚେୟାର୍‌ମ୍ୟାନ୍ ଶ୍ରୀ ସଂଜୟ ହଂସ କହନ୍ତି- ବର୍ଷ ତମାମ୍ ଆମ ପାଖରେ ଗ୍ରାହକମାନଙ୍କ ପାଇଁ ବିଭିନ୍ନ ପ୍ରକାର ଅଫର ଥାଏ । ଆମେ ଗ୍ରାହକମାନଙ୍କୁ ଯେଉଁ ଅଫର ଦେଇଥାଉ, ତାହା ସଂପୂର୍ଣ୍ଣ ପୂର୍ବ ଭାରତରେ ବିରଳ । ଚଳିତ ନଭେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଯଦି ବଜାର ସହିତ ତୁଳନା କରାଯାଏ ଏପରି ଅଫର ଗ୍ରାହକମାନେ ଲାଲ୍‌ଚାନ୍ଦ୍ ଷ୍ଟୋର୍ ବ୍ୟତୀତ ଅନ୍ୟ କେଉଁଠି ପାଇବେ ନାହିଁ । ଗଢ଼ା ମଜୁରୀରେ ଦେଖିବାକୁ ଗଲେ ଲାଲ୍‌ଚାନ୍ଦ୍‌ର ଗଢ଼ା ମଜୁରୀ ସବୁଠୁ କମ୍ ରହିଛି । ତା' ସହିତ କେବଳ ଲାଲ୍‌ଚାନ୍ଦ୍‌ରେ କ୍ରୟ ଉପରେ ମାଗଣା ସ୍ୱର୍ଣ୍ଣ ମୁଦ୍ରା ଓ ରୌପ୍ୟ ମୁଦ୍ରା ଦିଆଯାଉଛି । ଚଳିତ ଦୀପାବଳି ଓ ଧନତେରାସ ଅବସରରେ ଗ୍ରାହକମାନଙ୍କ ପାଇଁ ଏହାଠାରୁ ବଳି ଭଲ ଅଫର ଆଉ କ'ଣ ଥାଇପାରେ ? ଏହା ବ୍ୟତୀତ ଗ୍ରାହକମାନଙ୍କୁ ସର୍ବୋତ୍କୃଷ୍ଟ ଲେଟେଷ୍ଟ୍ ଡିଜାଇନ୍, ସବୁଠୁ ସୁଲଭ ମୂଲ୍ୟରେ ଯୋଗାଇଦେବାକୁ ଆମେ ସର୍ବଦା ଆଉ କେଉଁଠି ଖୋଜିଲେ ବି ମିଳିବ ନାହିଁ ।

ଏବେ ଅଳଙ୍କାର ବଜାରରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି । କାରଣ ସୁନାର ମୂଲ୍ୟ ଉଚ୍ଚତମ ସ୍ତରରୁ ପ୍ରାୟ ୨୫ ପ୍ରତିଶତ କମ୍ ଅଛି । ତେଣୁ ସୁନା କିଣିବା ପାଇଁ ଏଇଟା ଠିକ୍ ସମୟ ବୋଲି କୁହାଯାଇପାରେ ।

ସଂପର୍କରେ ସେ କହନ୍ତି - "ପାରମ୍ପରିକ ଭାବେ କହିବାକୁ ଗଲେ ଲାଲ୍‌ଚାନ୍ଦ୍‌ର ବିଶୁଦ୍ଧ ସ୍ୱର୍ଣ୍ଣ ଓ ଅଳଙ୍କାର ଡିଜାଇନ୍‌କୁ ଓଡ଼ିଶାବାସୀ ବିଶେଷ ପସନ୍ଦ କରନ୍ତି । ଆମେ ଦେଶ ବିଦେଶରୁ ଉଚ୍ଚକୋଟୀର ଅଳଙ୍କାର ଡିଜାଇନ୍ ସଂଗ୍ରହ କରିଥାଉ । ଏଗୁଡ଼ିକ ସ୍ୱତନ୍ତ୍ର ଭାବେ କେବଳ ସବୁବେଳେ ପ୍ରଶଂସାର ଶୀର୍ଷରେ ରହିଆସିଛି । ଏଥିପାଇଁ ବିଗତ ବର୍ଷମାନଙ୍କରେ ଅନେକ ପୁରସ୍କାର ଓ ସମ୍ମାନ ମିଳିଛି । "

ଲାଲ୍‌ଚାନ୍ଦ୍ ଜୁଏଲର୍ସର ଅଳଙ୍କାର ଡିଜାଇନ୍ ସଂପର୍କରେ ଶ୍ରୀ ହଂସ କହିଲେ

ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ କ୍ରୟ ଉପରେ ମାଗଣା ସ୍ୱର୍ଣ୍ଣ ମୁଦ୍ରା
୧୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ କ୍ରୟ ଉପରେ ମାଗଣା ରୌପ୍ୟ ମୁଦ୍ରା
ଷ୍ଟାଣ୍ଡାର୍ଡ ଗୋଲ୍ଡ ଜ୍ୱେଲରୀ ଗଢ଼ା ମଜୁରୀ ଗ୍ରାମ୍ ପିଛା ଫ୍ଲାଟ୍ ୪୯୯ ଟଙ୍କା
ଡିଜାଇନର ଗୋଲ୍ଡ ଜ୍ୱେଲରୀ ଗଢେଇ ମୂଲ୍ୟ ଗ୍ରାମ୍ ପ୍ରତି ଫ୍ଲାଟ୍ ୬୯୯ ଟଙ୍କା
ହାଇ ଏଣ୍ଡ୍ ଜ୍ୱେଲରୀ ଗ୍ରାମ୍ ପ୍ରତି ଗଢ଼ା ମଜୁରୀ ଫ୍ଲାଟ୍ ୭୯୯ ଟଙ୍କା
ସାର୍ଟିଫାଏଡ୍ ଡାଇମଣ୍ଡ୍ ଉପରେ ଫ୍ଲାଟ୍ ୨୦% ରିହାତି
ଅକ୍ଟୋବର ୨୭ ତାରିଖରୁ..

ଅଳଙ୍କାରର ଡିଜାଇନ୍ ଓ ଉନ୍ନତ କାରିଗରୀ ପାଇଁ ଲାଲ୍‌ଚାନ୍ଦ୍ ସୁପରିଚିତ । ଏଠି ଯେଉଁସବୁ ଡିଜାଇନ୍ ମିଳେ ସେଗୁଡ଼ିକ ଦେଶ ବିଦେଶର ବିଭିନ୍ନ ସ୍ଥାନରୁ ଆସିଥାଏ । ଯେପରି ସମୟ ସହ ତାଳ ଦେଇ ଫେସନର ସଜ୍ଞା ବଦଳେ, ଆମେ ସେଭଳି ଲୋକଙ୍କୁ କେଉଁଭଳି ଡିଜାଇନ୍ ପସନ୍ଦ ହେବ ତାହା ସର୍ବଦା ଅନୁଶୀଳନ କରିଥାଉ । - ସଂଜୟ ହଂସ, ପ୍ରତିଷ୍ଠାତା, ଲାଲ୍‌ଚାନ୍ଦ୍ ଜୁଏଲର୍ସ







ଆଜିଠାରୁ ଲାଲ୍‌ଚାନ୍ଦ୍‌ର
"ଦି ଗ୍ରେଟ୍ ଦିୱାଲୀ ଫେଷ୍ଟିଭାଲ୍"

- "ସମସ୍ତ ପ୍ରକାର ସାମାଜିକ ଓ ସାଂସ୍କୃତିକ ପର୍ବ-ପର୍ବାଣୀ ଯଥା ବିବାହ, ବ୍ରତୋପନୟନ, ନିର୍ବନ୍ଧ, ଜନ୍ମଦିନ, ବିବାହ-ବାର୍ଷିକୀ ପାଇଁ ସମସ୍ତ ଅଳଙ୍କାର, ଯେପରିକି ହାଲକା ମୁଦିରୁ ଆରମ୍ଭ କରି ଓଜନିଆ ହାର ପର୍ଯ୍ୟନ୍ତ, ଗୋଡ ମୁଦିରୁ ଆରମ୍ଭ କରି ମଥାମଣି ପର୍ଯ୍ୟନ୍ତ ସବୁ କିଛି ଲାଲ୍‌ଚାନ୍ଦ୍‌ରେ ଉପଲବ୍ଧ । ସ୍ୱର୍ଣ୍ଣ ଅଳଙ୍କାରର ବିଶେଷ ଡିଜାଇନ୍ ଯେପରିକି ଆଣ୍ଟିକ, ପାରମ୍ପରିକ ଜନଜାତି ଅଳଙ୍କାର ମଧ୍ୟ ଏଠାରେ ଉପଲବ୍ଧ । ହୀରା ଅଳଙ୍କାରରେ ବିବାହ ଓ ନିର୍ବନ୍ଧ ପାଇଁ ଯୋଡା ରିଂ, କାର୍ଯ୍ୟରତ ମହିଳା ମାନଙ୍କ ପାଇଁ ଛୋଟ ହୀରା ଗହଣା ସହିତ ପତଳା ଚେନ୍ ଓ ଲକେଟର ବିଶାଳ ରେଞ୍ଜ ଏଠାରେ ଦେଖିବାକୁ ପାଇବେ । ଭାରତର ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ସବୁ ଭାଗର ସୁପ୍ରସିଦ୍ଧ ଅଳଙ୍କାର କାରିଗରୀ ଲାଲ୍‌ଚାନ୍ଦ୍‌ରେ ଉପଲବ୍ଧ । ବିଶ୍ୱ ପ୍ରସିଦ୍ଧ ରୂପା ତାରକସି କାମର ଅନନ୍ୟ ସମ୍ଭାର, ଚାନ୍ଦି ବାସନ, ଚାନ୍ଦିର ଡିନର ସେଟ, ପୂଜା ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ଚାନ୍ଦି ଉପକରଣ ଲାଲ୍‌ଚାନ୍ଦ୍‌ରେ ଉପଲବ୍ଧ । ତା' ସହିତ ବରାଦ ମୁତାବକ ଦେବା-ଦେବୀଙ୍କ ମୁକୁଟ, ମୂର୍ତ୍ତି, ସ୍ମାରକୀ କଳାକୃତି ଆଦି ମଧ୍ୟ ପ୍ରସ୍ତୁତ କରାଯାଏ । ଯୁବ ବର୍ଗଙ୍କ ପସନ୍ଦ ମୁତାବକ ଫ୍ୟାସନେବଲ ଓ ଟ୍ରେଣ୍ଡି ଜୁଏଲାରୀ, ୨୪ କ୍ୟାରେଟ ସ୍ୱର୍ଣ୍ଣ ମୁଦ୍ରା, ରୁପା ମୁଦ୍ରା ଏଠାରେ ଉପଲବ୍ଧ ।"

ଧନ୍‌ତେରାସ ଓ ଦୀପାବଳୀ ଉପଲକ୍ଷେ ଲାଲ୍‌ଚାନ୍ଦ୍ ଆରମ୍ଭ କରିଛି "ଦି ଗ୍ରେଟ୍ ଦିୱାଲି ଫେଷ୍ଟିଭାଲ୍" ଏଥିରେ ଅନେକ ଡିସ୍‌କାଉଣ୍ଟ ଓ ଉପହାର ଯୋଜନା ରହିଛି ।

ଲାଲ୍‌ଚାନ୍ଦ୍ ଗ୍ରାହକମାନଙ୍କୁ ପୂଜା ଅବସରରେ ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ କ୍ରୟ ଉପରେ ଦେଉଛି ମାଗଣା ସ୍ୱର୍ଣ୍ଣ ମୁଦ୍ରା । ୧୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ କ୍ରୟ ଉପରେ ଦେଉଛି ମାଗଣା ରୌପ୍ୟ ମୁଦ୍ରା । ଗଢ଼ା ମଜୁରୀ ମଧ୍ୟ କମ୍ କରାଯାଇଛି । ଷ୍ଟାଣ୍ଡାର୍ଡ ଗୋଲ୍ଡ ଜ୍ୱେଲରୀ ଗଢ଼ା ମଜୁରୀ ଗ୍ରାମ୍ ପିଛା ଫ୍ଲାଟ୍ ୪୯୯ ଟଙ୍କା, ଡିଜାଇନର ଗୋଲ୍ଡ ଜ୍ୱେଲରୀ ଗଢେଇ ମୂଲ୍ୟ ଗ୍ରାମ୍ ପ୍ରତି ଫ୍ଲାଟ୍ ୬୯୯ ଟଙ୍କା ଓ ହାଇ ଏଣ୍ଡ୍ ଜ୍ୱେଲରୀ ଗ୍ରାମ୍ ପ୍ରତି ଗଢ଼ା ମଜୁରୀ ଫ୍ଲାଟ୍ ୭୯୯ ଟଙ୍କା ରଖାଯାଇଛି । ତା' ସହିତ ସାର୍ଟିଫାଏଡ୍ ଡାଇମଣ୍ଡ୍ ଉପରେ ଫ୍ଲାଟ୍ ୨୦% ରିହାତି ଅଛି । ଲାଲ୍‌ଚାନ୍ଦ୍‌ର ସବୁ ଷ୍ଟୋର୍‌ରେ ଏହି ଅଫର ଅକ୍ଟୋବର ୨୭ ତାରିଖରୁ ଆରମ୍ଭ ହୋଇ ପ୍ରତିଶ୍ରୁତିବଦ୍ଧ ।

ଅଳଙ୍କାର ଡିଜାଇନ୍ ଓ ଉନ୍ନତ କାରିଗରୀ ପାଇଁ ଲାଲ୍‌ଚାନ୍ଦ୍ ସୁପରିଚିତ । ଏଠି ଯେଉଁସବୁ ଡିଜାଇନ୍ ମିଳେ ସେଗୁଡ଼ିକ ଦେଶ ବିଦେଶର ବିଭିନ୍ନ ସ୍ଥାନରୁ ଆସିଥାଏ । ଯେପରି ସମୟ ସହ ତାଳ ଦେଇ ଫେସନର ସଂଜ୍ଞା ବଦଳେ, ଆମେ ସେଭଳି ଲୋକଙ୍କୁ କେଉଁଭଳି ଡିଜାଇନ୍ ପସନ୍ଦ ହେବ ତାହା ସବୁବେଳେ ଅନୁଶୀଳନ କରିଥାଉ । ଚଳିତ ଉତ୍ସବ ଋତୁ ପାଇଁ ହଜାର ହଜାର ସଂଖ୍ୟାରେ ନୂଆ ଡିଜାଇନ୍‌ର ଷ୍ଟକ୍ ଆମ ପାଖରେ ମହଜୁଦ ଅଛି । ସବୁଠୁ ବଡ କଥା ହେଲା ଆପଣ ଲାଲ୍‌ଚାନ୍ଦ୍‌ରେ ଯେଉଁଭଳି ଡିଜାଇନ୍ ପାଇବେ ସେଭଳି ଡିଜାଇନ୍

ଲାଲ୍‌ଚାନ୍ଦ୍ ଜୁଏଲର୍ସର ସଂପ୍ରସାରଣ ଯୋଜନା ସଂପର୍କରେ ପଚାରିବାରୁ ସେ କହିଲେ- "ଆମର ଅନେକ ଗ୍ରାହକ ଦକ୍ଷିଣ-ପଶ୍ଚିମ ଓଡ଼ିଶାରେ ଅଛନ୍ତି । ଗ୍ରାହକମାନଙ୍କ ଅନୁରୋଧକୁ ଦୃଷ୍ଟିରେ ରଖି ଓଡ଼ିଶାର ସେଇ ସବୁ ଅଞ୍ଚଳରେ ବ୍ୟବସାୟ ସଂପ୍ରସାରଣ କରିବାର ଯୋଜନା ରଖିଛୁ । ଖୁବ୍ ନିକଟରେ ଲାଲ୍‌ଚାନ୍ଦ୍ କେତୋଟି ନୂଆ ଷ୍ଟୋର୍ ଖୋଲିବାକୁ ଯାଉଛି ।"

ଲାଲ୍‌ଚାନ୍ଦ୍ ଜୁଏଲର୍ସର ବିଶେଷତ୍ୱ ଲାଲ୍‌ଚାନ୍ଦ୍ ଜୁଏଲର୍ସରେ ଉପଲବ୍ଧ । ଲାଲ୍‌ଚାନ୍ଦ୍ ସବୁବେଳେ ଫେସନ୍ ଟ୍ରେଣ୍ଡ୍ ଅନୁସରଣ କରିବା ସହିତ ଗ୍ରାହକମାନଙ୍କ ପସନ୍ଦକୁ ଗୁରୁତ୍ୱ ଦେଇଥାଏ । ବିଶ୍ୱର ସୁପ୍ରସିଦ୍ଧ ଡିଜାଇନରମାନଙ୍କ ଦ୍ୱାରା ପ୍ରସ୍ତୁତ ଅଳଙ୍କାର ଡିଜାଇନ୍ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ପ୍ରୟାସ କରିଥାଏ । ଏବେ ହୀରା ଅଳଙ୍କାର ମଧ୍ୟ ଧୀରେ ଧୀରେ ଲୋକପ୍ରିୟ ହେବାରେ ଲାଗିଛି । ଗୁଣାତ୍ମକ ମାନ ଓ ଅଦ୍ୱିତୀୟ କାରିଗରୀ ଲାଲ୍‌ଚାନ୍ଦ୍ ଜୁଏଲର୍ସର ବିଶେଷତ୍ୱ । ଶୁଦ୍ଧ ସୁନା ଓ ଆଧୁନିକ କାରିଗରୀ କୌଶଳର ସମ୍ମିଶ୍ରଣରେ ପ୍ରସ୍ତୁତ ହୁଏ ପ୍ରତ୍ୟେକଟି ଅଳଙ୍କାର । ସେଥିପାଇଁ ଲାଲ୍‌ଚାନ୍ଦ୍‌ରେ ପ୍ରତ୍ୟେକଟି ଅଳଙ୍କାର ଗୋଟିଏ ଗୋଟିଏ ମାଷ୍ଟରପିସ୍ । ତା' ସହିତ ଲାଲ୍‌ଚାନ୍ଦ୍ ଜୁଏଲର୍ସ ଗ୍ରାହକମାନଙ୍କ ପାଇଁ ଆଣିଛନ୍ତି ହଲ୍‌ମାର୍କ ଯୁକ୍ତ ବିଶୁଦ୍ଧ ୨୪ କ୍ୟାରେଟ୍ ସ୍ୱର୍ଣ୍ଣ ମୁଦ୍ରାର ବିଶାଳ ରେଞ୍ଜ୍ । ଅଳଙ୍କାରର ଶୁଦ୍ଧତା ଓ ଚମତ୍କାର ଡିଜାଇନ୍ ପାଇଁ ଲାଲ୍‌ଚାନ୍ଦ୍

ପବିତ୍ର ଧନତେରାସ ଓ ଦୀପାବଳୀ ଅବସରରେ ଶ୍ରୀ ହଂସ ଗ୍ରାହକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଲେ- "ସମସ୍ତେ ସ୍ୱର୍ଣ୍ଣ ଅଳଙ୍କାର କିଣିବା ପୂର୍ବରୁ ହଲ୍‌ମାର୍କ ଚିହ୍ନ ଦେଖି ଅଳଙ୍କାର କିଣନ୍ତୁ । ଲାଲ୍‌ଚାନ୍ଦ୍‌ରେ ପ୍ରତ୍ୟେକଟି ଅଳଙ୍କାର ହଲ୍‌ମାର୍କ ଯୁକ୍ତ ।" ତା' ସହିତ ସେ ଗ୍ରାହକମାନଙ୍କୁ ଏକ ଖାସ୍ ଟିପ୍ସ୍ ଦେବାକୁ ଭୁଲି ନଥିଲେ । ତାଙ୍କ ମତରେ ଅଳଙ୍କାର ଡିଜାଇନ୍‌ର ବିଶାଳ ରେଞ୍ଜ୍ ଭିତରୁ ମନପସନ୍ଦର ଅଳଙ୍କାର ବାଛିବା ପାଇଁ ଏବେ ହେଉଛି ଉଚିତ୍ ସମୟ । ଗ୍ରାହକମାନେ ଚାହିଁଲେ ଏବେଠାରୁ ନିଜ ମନପସନ୍ଦର ଡିଜାଇନ୍ କ୍ରୟ କରି ଧନତେରାସ ଓ ଦୀପାବଳୀ ଅବସରରେ ପୂଜା କରିପାରିବେ ।



LALCHND
Odisha's Most Trusted Jeweller

**ସଡ଼କ ଦୁର୍ଘଟଣାରେ ୨ ଗୁରୁତର**

ପାପଡ଼ାହାଣ୍ଡି,(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୋକିଆ ପଞ୍ଚାୟତ ପେଟଫୁଲା ପୋଲ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ବସ୍ ଦୁର୍ଘଟଣାରେ ୨ ଯୁବକ ଗୁରୁତର ହୋଇଛନ୍ତି। ଦୁହେଁ ହେଲେ ଶିଶିଶୀ ପଞ୍ଚାୟତ ଡାଡିଆଗୁଡ଼ା ଗ୍ରାମର ରବି ଭତରା ଓ ମଙ୍ଗଳୁ ଭତରା। ଉଭୟେ ବାଇକରେ ଡେଙ୍ଗାଗୁଡ଼ା ଯାଇ ଫେରିବା ସମୟରେ ଏକ ଗାଡ଼ି ଧକ୍କା ଦେଇ ଚାଲିଯାଇଥିବା ମଙ୍ଗଳୁ କହିଛନ୍ତି। ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଉଭୟଙ୍କ ମୁହଁରେ ପ୍ରବଳ ଆଘାତ ଲାଗିଛି।

## ସଂକ୍ଷେପରେ

### ରାଇଘର ବ୍ଲକର ୧୦ ସ୍କୁଲ ହେବ ସ୍ମାର୍ଟ

ନବରଙ୍ଗପୁର,୨୭।୧୦(ବି.ପ୍ର.)- ନବରଙ୍ଗପୁର ଜିଲା ରାଇଘର ବ୍ଲକର ୮ ସ୍କୁଲକୁ ସ୍ମାର୍ଟସ୍କୁଲ ଅନ୍ତର୍ଭୁକ୍ତ କରାଯିବ। ଏ ନେଇ ରାଇଘର ବିଇଓ ଈଶ୍ୱର ଚନ୍ଦ୍ର ମାଝି ସୂଚନା ଦେଇଛନ୍ତି। ବ୍ଲକ ଅନ୍ତର୍ଗତ ହାଟଭରଣ୍ଡି, କୁନ୍ଦେଇ, କୁମୁଲି ଓ ତୁରୁଡି ସରକାରୀ ହାଇସ୍କୁଲ, ଗଞ୍ଜାପାରା ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗୁଛାଗୁଡ଼ା, ଛେଲିଡଙ୍ଗରୀ ଓ ସରଗୁଲି ୟୁଜି ହାଇସ୍କୁଲକୁ ସ୍ମାର୍ଟ ସ୍କୁଲ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ୫-ଟି କାର୍ଯ୍ୟକ୍ରମରେ ପ୍ରତ୍ୟେକ ବିଦ୍ୟାଳୟ ପାଇଁ ୬୦ ଲକ୍ଷ ଟଙ୍କା ଲେଖାଏ ଖର୍ଚ୍ଚ କରାଯାଇ ପାରିପାର୍ଶ୍ୱିକ ଉନ୍ନତିକରଣ ସହ ଡିଜିଟାଲ ସ୍ମାର୍ଟ କ୍ଲାସରୁମ, ବିଦ୍ୟୁତ୍ ସଂଯୋଗୀକରଣ, ଲାଇବ୍ରେରୀ, ଶୌଚାଳୟ, ବିଶୁଦ୍ଧ ପାନୀୟ ଜଳ ଆଦିର ବ୍ୟବସ୍ଥା କରାଯିବ। ଏ ନେଇ ବଦ୍ୟାଳୟର ଜମି ପରିସୀମା, କୋଠରୀ, ଶିକ୍ଷକ ସଂଖ୍ୟା, ୫ ବର୍ଷର ମାଟ୍ରିକ ପରୀକ୍ଷା ହାର, ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଆଦି ତଥ୍ୟ ସହ ଭିଜନ୍ ଡକ୍ୟୁମେଣ୍ଟ ଡିଇଓ ଚନ୍ଦ୍ରଶେଖର ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଛି ବୋଲି ବିଇଓ କହିଛନ୍ତି।

### ଘରପଟ୍ଟା ଦାବି କଲେ ପଞ୍ଚାୟତବାସୀ



ଗୁଣପୁର,୨୭।୧୦(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଗୁଣପୁର ବ୍ଲକର ପଞ୍ଚାୟତ ଶଗଡ଼ା ଓ ଆବଡାର ଗ୍ରାମବାସୀ ଘରପଟ୍ଟା ପାଇବାରୁ ବଞ୍ଚିତ ଥିବା ଅଭିଯୋଗ କରିଛନ୍ତି। ମଙ୍ଗଳବାର ଏ ନେଇ ସେମାନେ ତହସିଲଦାର ଶରତ ଚନ୍ଦ୍ର ନାୟକଙ୍କୁ ଭେଟି ଜଣାଇଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, କରଞ୍ଜାସି, ରେଗଡସିଂ, ଅଞ୍ଜରସିଂ, କେରବା, ତାରବେଲ, ରୁଙ୍ଗରୁଙ୍ଗବା ଗ୍ରାମରେ ୪୫୬ଟି ଘରବାରି ପଟ୍ଟା ପାଇଁ ଆବେଦନ ପତ୍ର ଜଲଡାର ଆର୍ଆଇଙ୍କ ନିକଟରେ ପଡ଼ିରହିଛି। ସେହିଭଳି ଶଗଡ଼ା, ରାୟଲପଦର, ମାରକୁଇ ଗ୍ରାମରେ ୨୪୬ ଘରର ପଟ୍ଟା ମିଳିନାହିଁ। ଆବଡ଼ା, ସିନ୍ଧୁବା ଗ୍ରାମରେ ୫୬ ପରିବାର ପଟ୍ଟା ପାଇବାରୁ ବଞ୍ଚିତ ରହିଛନ୍ତି। ଏପରି ବିଭିନ୍ନ ଗ୍ରାମର ଲୋକେ ପଟ୍ଟା ପାଇ ନ ଥିବାରୁ ଦୁଇ ପଞ୍ଚାୟତର ଗ୍ରାମବାସୀ ତହସିଲଦାରଙ୍କୁ ଭେଟି ପଟ୍ଟା ନିମନ୍ତେ ଦାବି ଜଣାଇଛନ୍ତି। ଘର ପଟ୍ଟା ନ ଥିବାରୁ ସେମାନେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଆବାସ ଯୋଜନାରେ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଗ୍ରାମବାସୀଙ୍କ ଦାବି ପରେ ଦୁଇ ପଞ୍ଚାୟତର ଗ୍ରାମାଅଞ୍ଚଳରେ ପଟ୍ଟାଧାରି ମାନଙ୍କୁ ଚିହ୍ନଟ କରାଯାଇ ପଟ୍ଟା ପ୍ରଦନ କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

### କଂଗ୍ରେସରେ ଯୋଗ ଦେଲେ ଶତାଧିକ

କୋଲନରା,୨୭।୧୦(ଡି.ଏନ୍.ଏ.)-ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ପରଠାରୁ ଗାଁ ରାଜନୀତିରେ ଉଷ୍ମତା ପରିଲକ୍ଷିତ ହୋଇଛି। ବୁଧବାର ରାୟଗଡ଼ା ଜିଲା କୋଲନରା ବ୍ଲକ ଅନ୍ତର୍ଗତ କୈଳାସପୁର ପଞ୍ଚାୟତର ତରଲାବାଡ଼ଠାରେ 'ଖ' ଜୋନ୍ କଂଗ୍ରେସ ପକ୍ଷରୁ ଏକ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କୈଳାସପୁର ପଞ୍ଚାୟତର ଟାଣୁଆ ବିଜେଡି



ନେତା ମୋହନ ପିଡିକା ଓ ତରଲାବାଡ଼ି ଗ୍ରାମର ୱାର୍ଡ ମେମ୍ବର ସାତୁ ହେପ୍ରିକାଙ୍କ ନେତୃତ୍ୱରେ ସ୍ଥାନୀୟ ଏସ୍ଏଚ୍‌ଜି ମହିଳାଙ୍କ ସମେତ ଆଖପାଖ ଗ୍ରାମର ଶତାଧିକ ଲୋକ କଂଗ୍ରେସରେ ଯୋଗ ଦେଇଥିଲେ। ବ୍ଲକ କଂଗ୍ରେସ କମିଟିର ସଭାପତି ଆଇ. ଗୋବର୍ଦ୍ଧନ ରାଓଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ଜଗନ୍ନାଥ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ଅଭିରାମ ଉଲାକା, ମୁକୁନ୍ଦପୁର ସରପଞ୍ଚ ଶିବ କଣ୍ଡାଗରୀ, ଜିଲା ପରିଷଦ ସଭ୍ୟ ଆଶୁତୋଷ କିଲାକା, ଚମ୍ପାକଣା ଗ୍ରାମର ମୁଖିଆ କୃଷ୍ଣ ହେପ୍ରିକା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭାଜପାର ଓ ବିଜେଡିର ମିଛ ପ୍ରତିଶ୍ରୁତି, ଦରଦାମ ବୃଦ୍ଧିର ପ୍ରଭାବ ଲୋକଙ୍କ ଉପରେ ପଡ଼ିଛି। ଅଞ୍ଚଳବାସୀ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ତେଣୁ କଂଗ୍ରେସର ହାତମୁଠାକୁ ଟାଣ କରିବୁ ବୋଲି ନୂତନ କର୍ମୀମାନେ କହିଥିଲେ। ସେହିପରି ଆଗାମୀ ନିର୍ବାଚନରେ ଏକ ହୋଇ କଂଗ୍ରେସର ଗଡ଼ କୁହାଯାଉଥିବା 'ଖ' ଜୋନ୍‌ରେ ପୁନର୍ବାର ବିଜୟର ଧ୍ୱଜା ଉଡ଼ାଇବୁ ବୋଲି ବ୍ଲକ ସଭାପତି କହିଛନ୍ତି। ଜିଲା କଂଗ୍ରେସ ସମ୍ପାଦକ ବିଜୟ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବାବେଳେ କୋଲନରା ବ୍ଲକ କଂଗ୍ରେସର ଉପସଭାପତି ଅରୁଣ କୁମାର ନାୟକ, ଯୁବ କଂଗ୍ରେସର ପୂର୍ବତନ ସଭାପତି ନୀଳମାଧବ ଉଲାକାଙ୍କ ସମେତ କର୍ମୀ ମୋହନ ରାଓ, ନୀଳକଣ୍ଠ ନାଲ୍ଲା ପ୍ରମୁଖ ସହଯୋଗ କରିଥିଲେ।

# ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ଏସ୍‌ଡିପିଓ ଅଫିସ ଘେରାଉ

- ମମିତା ମେହେର ହତ୍ୟାକାଣ୍ଡ ମାମଲା
- ଭାଜପା କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି

ଉମରକୋଟ,୨୭।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ପବ୍ଲିକ୍ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟାକାଣ୍ଡ ମାମଲାରେ ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ପଦରୁ ବହିଷ୍କାର ଦାବି ଜୋର ଧରିଛି। ନବରଙ୍ଗପୁର ଜିଲାର ଉମରକୋଟଠାରେ ମଧ ବୁଧବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ପଦଯାତ୍ରା ସହ ଏସ୍‌ଡିପିଓ ଅଫିସ ଘେରାଉ କରାଯାଇଥିଲା। ଉମରକୋଟ ବିଧାୟକଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ଓ ସମର୍ଥକ ଦଳୀୟ କାର୍ଯ୍ୟାଳୟରୁ ପଦଯାତ୍ରାରେ ବାହାରି ଏସ୍‌ଡିପିଓଙ୍କ ଅଫିସ ଘେରାଉ କରିଥିଲେ। ଅଫିସ୍ ମଧ୍ୟରେ ପଶିବାକୁ ଉଦ୍ୟମ କରିବା ସମୟରେ ପୂର୍ବରୁ ସେଠାରେ ବ୍ୟାରିକେଡ୍ କରି ଜଗି ରହିଥିବା ପୋଲିସ କର୍ମଚାରୀ ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ମମିତା ମେହେର ହତ୍ୟା ଘଟଣାର ନିରପେକ୍ଷ ତଦନ୍ତ ଓ ମନ୍ତ୍ରୀଙ୍କ ଇସ୍ତଫା ନିମନ୍ତେ ବିଧାୟକ ଦାବି କରିଥିଲେ। ମନ୍ତ୍ରୀ ପଦରେ ରହିଲେ ନିରପେକ୍ଷ ତଦନ୍ତରେ ବାଧା ସୃଷ୍ଟି ହେବ। ତେଣୁ ତାଙ୍କୁ ହଟାଯାଉ ବୋଲି ବିଧାୟକ କହିଥିଲେ। ଗୋବିନ୍ଦ ସାହୁଙ୍କୁ ମୁକୁଳାଇବାକୁ ଉଦ୍ୟମ ଚାଲିଥିବା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରମେଶ ଚନ୍ଦ୍ର ସାହୁ ଅଭିଯୋଗ କରିଥିଲେ। ଏସ୍‌ଡିପିଓଙ୍କ ଅଫିସ ଘେରାଉ ବେଳେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା କୋଷାଧ୍ୟକ୍ଷ ସନ୍ତୋଷ କୁମାର ମହାପାତ୍ର, ନଗର ସଭାପତି ସୁରେଶ କୁମାର ଆଚାର୍ଯ୍ୟ, ମିଲୁ ପଣ୍ଡା, ସତ୍ୟ ବେହେରା, ସନତ ଠାକୁର, କୂର୍ମ ରାଓ, ଚନ୍ଦ୍ରଭାନୁ ନାୟକ, ରମେଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ପଦଯାତ୍ରାରେ ବାହାରିଥିବା ଉମରକୋଟ ବିଧାୟକ ଓ ଦଳୀୟ କର୍ମୀମାନେ।

# ଧାନ ଅମଳ ବେଳେ ଚାଷୀଙ୍କୁ ନେକ୍ ବ୍ଲାଷ୍ଟ ଚିନ୍ତା

ପାପଡ଼ାହାଣ୍ଡି,୨୭।୧୦,(ଡି.ଏନ୍.ଏ.)

ହାଡ଼ଭଙ୍ଗା ପରିଶ୍ରମ କରି କ୍ଷେତରେ ଫଳାଇଥିଲେ ସୁନା। ଏବେ ଅମଳବେଳେ ଧାନରେ ପୋକ ଲାଗିବା ଚାଷୀଙ୍କୁ ଚିନ୍ତାରେ ପକାଇଛି। ନେକ୍ ବ୍ଲାଷ୍ଟ ଯୋଗୁ ଫସଲ ନଷ୍ଟହେବାକୁ ବସିଛି। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତର ଚାନ୍ଦିଲି ଓ ଗୁମିଦରା ଅଞ୍ଚଳରେ ଧାନ ଫସଲରେ ଏହି ରୋଗ ଦେଖାଦେଇଛି। ରାତାରାତ ଏହି ରୋଗ ଗୋଟିଏ କିଆରିରୁ ଅନ୍ୟ କିଆରିକୁ ମାଡ଼ି ଚାଲିଛି। ତେଣୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଧାନ କଟା ସମୟ ଆସିଥିବାବେଳେ ଅନେକ ସ୍ଥାନରେ ଧାନ ପୋଲା ହୋଇଯାଇଛି।



ରୋଗରେ ନଷ୍ଟହୋଇଯାଇଥିବା ଧାନକୁ ଜଣେ ଚାଷୀ ପ୍ରଦର୍ଶନ କରୁଛନ୍ତି।

**୧୫ ଏକର ଜମିର ଫସଲରେ ମାଡୁଛି ରୋଗ**

ଧାନ ଥୋଡ଼ ତଳକୁ ନଇଁଯାଇ କଳା ପଡ଼ିଯିବା ସହ ଅଗାଡ଼ି ହୋଇଯାଉଛି। ଅଞ୍ଚଳର ସୋନୁ ଗୌଡ଼, ଧନୁ ଗୌଡ଼, ନୃସିଂହାନନ୍ଦ ସାହୁ, ସତ୍ୟନାରାୟଣ ସାହୁ ଓ ଲକ୍ଷ୍ମଣ ଗୌଡ଼ଙ୍କ ପ୍ରାୟ ୧୫ ଏକର ଜମିରେ ହୋଇଥିବା ଧାନଫସଲରେ ଏହି ରୋଗ ଦେଖାଦେଇଛି। ଏ ନେଇ ବ୍ଲକ କୃଷି ଅଧିକାରୀ ଶଶିଭୂଷଣ ସେନାପତିଙ୍କୁ ଯୋଗାଯୋଗ କରିବାରୁ ଶୀଘ୍ର କର୍ମଚାରୀଙ୍କୁ ପଠାଇ ରୋଗ ବିଷୟରେ ଯାଞ୍ଚକରି ପ୍ରତିକାର କରାଯିବ ବୋଲି କହିଛନ୍ତି।

# ବସ୍ତିବାସିନ୍ଦାଙ୍କୁ ନ ହଟାଇବାକୁ ଦାବି



ରାୟଗଡ଼ା ଅଫିସ,୨୭।୧୦

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ରାୟଗଡ଼ା ପୌରାଞ୍ଚଳ ୱାର୍ଡ ନମ୍ବର ୨୩ ନୂଆସାହି ଗ୍ରାମକୁ ପୁନଃ ଉଚ୍ଛେଦ ନ କରି ସ୍ଥାୟୀ ରଖିବା ନିମନ୍ତେ ବୁଧବାର ଜିଲା ବସ୍ତି ବାସିନ୍ଦା ମହାସଂଘ ପକ୍ଷରୁ ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୬୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏହି ଅଞ୍ଚଳରେ ଲୋକେ ବସବାସ କରୁଛନ୍ତି। ୧୯୯୨ ପୂର୍ବରୁ ରାୟଗଡ଼ା ତହସିଲ ଅଫିସ ସାହିରେ ରହୁଥିଲେ। ସେଠାରେ ଅନେକ ଉନ୍ନତି ମୂଳକ କାର୍ଯ୍ୟ ହେବାପରେ ତହସିଲ ଅଫିସ ସାହିକୁ ଉଚ୍ଛେଦ ପାଇଁ ନୋଟିସ କରାଯାଇଥିଲା। ୧୯୯୭ ରେ ୨୪୦ ଘର ପରିବାରକୁ ଉଚ୍ଛେଦ କରାଯାଇ ଶହୀଦ ଲକ୍ଷ୍ମଣ ନାୟକ ପ୍ରତିମୂର୍ତ୍ତି ନିକଟସ୍ଥ ଏକ ପାହାଡ଼ ତଳେ ମୌଖିକ ଆକାରରେ ରାଜ୍ୟ ସରକାରଙ୍କ ରାଜସ୍ୱ ଜାଗା କହି ଜିଲା ପ୍ରଶାସନର ଉପସ୍ଥିତରେ ଥଇଥାନ କରାଯାଇଥିଲା। ଏ ନେଇ ସରକାରଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ ଜମି ପଟ୍ଟା ମିଳିନାହିଁ। ଯୋଗ୍ୟ ପ୍ରମାଣପତ୍ର ମିଳଥିଲେ ମଧ୍ୟ କାମରେ ଲାଗୁନି। ଏବେ ରେଲୱେ ପକ୍ଷରୁ ଉନ୍ନୟନ କାର୍ଯ୍ୟ ନିମନ୍ତେ ପୁଣି ଉଚ୍ଛେଦ ପାଇଁ ନାଟିସ୍ କରାଯାଇଛି। ସରକାର ତୁରନ୍ତ ଜାଗା ଚିହ୍ନଟ କରି ରେଳବାଇକୁ ଦିଅନ୍ତୁ ଏବଂ ଗରିବ ବସ୍ତିବାସିନ୍ଦାଙ୍କୁ ଏଠାରୁ ସ୍ଥାନାନ୍ତର କରା ନ ଯାଉ ବୋଲି ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ମାସେ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ରାଜରାସ୍ତାରେ ଆନ୍ଦୋଳନ କରିବୁ ଏବଂ ନିଜ ଘର ଛାଡ଼ିବୁ ନାହିଁ ବୋଲି ବସ୍ତିବାସିନ୍ଦା କହିଛନ୍ତି। ଦାବିପତ୍ର ପ୍ରଦାନବେଳେ ସଂଘ ପକ୍ଷରୁ ରାମଦାସ ନାୟକ, ଜୁନେସ ନାୟକ, ଧନୀରାମ ନାୟକ, ନରେନ୍ଦ୍ର ନାୟକ, ବୃନ୍ଦାବନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ନୀତିଠାରୁ ଦୂରେଇ ରହିବାକୁ ଶପଥ ନେଲେ

**ଜିଲା କୋର୍ଟ ପରିସରରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ**

ରାୟଗଡ଼ା ଅଫିସ,୨୭।୧୦

ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ରାୟଗଡ଼ା ଜିଲା କୋର୍ଟ ପରିସରରେ ଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଜଜ୍ ଚିତ୍ତରଞ୍ଜନ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍ଏସ୍ଏ)ର ସଚିବ ମନୋରଞ୍ଜନ ମିଶ୍ର ସଞ୍ଚାଳନ କରିଥିଲେ। ଏଥିରେ ପରିବାର ଅଦାଲତର ବିଚାରପତି ଆଶିଷ କୁମାର ତ୍ରିପାଠୀ, ପିଏଲ୍ଏ ଅଧକ୍ଷ ହିମାଂଶୁ ଶେଖର ବ୍ରହ୍ମା, ଆଡ୍‌ହକ ଏଡିଜେ ଗଣେଶ୍ୱର ପତି, ବରିଷ୍ଠ ଦେୱାନୀ ବିଚାରପତି ସତରୁପା ଶତପଥୀ, ରେଜିଷ୍ଟ୍ରାର ପ୍ରତିମା ପାତ୍ର, ସ୍ୱତନ୍ତ୍ର ମହିଳା କୋର୍ଟର ବିଚାରପତି ସୋନାଲ ଶର୍ମା, ଉପଖଣ୍ଡ ଦଣ୍ଡାଧିକାରୀ ରାଜେନ୍ଦ୍ର କୁମାର ଦାସ, ଗ୍ରାମ୍ୟ ନ୍ୟାୟାଧିକାରୀ ଯୁଧିଷ୍ଠିର ଦଳେଇ, ପ୍ରଥମ ଶ୍ରେଣୀ ବିଚାରପତି ଗୁରୁ ଚରଣ ଜେନାମଣି ପ୍ରମୁଖ ଯୋଗଦେଇ ଦୁର୍ନୀତିଠାରୁ ଦୂରେଇ ରହିବା ଏବଂ ସମାଜରୁ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଶପଥ ନେଇଥିଲେ। ସେହିପରି ରାୟଗଡ଼ା ଜିଲା କୋର୍ଟ ଏବଂ ଡିଏଲ୍ଏସ୍ଏର ସମସ୍ତ କର୍ମଚାରୀମାନେ ମଧ ଦୁର୍ନୀତି ନିବାରଣ ପାଇଁ ଶପଥ ନେଇଥିଲେ।

### ଶେଷଦିନରେ ଅଭିଜ୍ଞତା ବାଣ୍ଟିଲେ ରେଡ୍‌କ୍ରସ୍ ଶିବରାର୍ଥୀ



ରାଇଘର,୨୭।୧୦(ଡି.ଏନ.ଏ)

ନବରଙ୍ଗପୁର ଜିଲା ରାଇଘରସ୍ଥିତ ପଞ୍ଚାୟତ ସମିତି ମହାବିଦ୍ୟାଳୟଠାରେ ଚାଲିଥିବା ରେଡ଼କ୍ରସ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷ ପରିକ୍ଷିତ ସାହୁ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ଅଗ୍ନିଶମ ଅଧିକାରୀ ପବିତ୍ର ମୋହନ ପୁଜାରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ରେଡ଼କ୍ରସ ଜିଲା ସଂଯୋଜକ ଅଖିଳ ଭଞ୍ଜ ସମ୍ମାନିତ ଅତିଥି ରୂପେ ଏବଂ ରାଜନୀତି ବିଜ୍ଞାନ ଅଧାପକ କିଶୋର ପାଲ୍ ମୁଖ୍ୟବକ୍ତା ରୂପେ ମଞ୍ଚାସୀନ ଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଦୀନବନ୍ଧୁ ନନ୍ଦୀ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟର ନିରଞ୍ଜନ ପଣ୍ଡା ଓ ପେଣ୍ଡ୍ରାଣୀ କଲେଜର ରାମଶଙ୍କର ପଟ୍ଟନାୟକ, ଜଗଦୀଶ ପଟ୍ଟନାୟକ, କାଉନ୍‌ସିଲର ଦିବାକର ଦେ, ପ୍ରଲ୍ଲୀଭା ଭୂୟାଁ ଉପସ୍ଥିତ ଥିଲେ। ରମେଶ ଚନ୍ଦ୍ର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବାବେଳେ ରେଣୁକା ସାମଲ ଧନ୍ୟବାଦ ଦେଇଥିଲେ। ଗଣ୍ଡୱାନା କଲେଜର ଅଧାପକ ଶୋଭିତ ଗଣ୍ଡ ଏବଂ ଛାତ୍ରୀଛାତ୍ରମାନେ ତିନିଦିନର ଅଭିଜ୍ଞତା ବିଷୟରେ କହିଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସତ୍ୟ ନାରାୟଣ ନାୟକ ଶକ୍ତିକାନ୍ତ ଜେନା ପରିଚାଳନା କରିଥିବାବେଳେ ସଦାରମ କେଉଟ, ବୁଦ୍ଧେଶ୍ୱର ମଣ୍ଡଳ, ବିଭୀଷଣ ଗଣ୍ଡ ଓ ଭବାନୀ ପନକା ଉପସ୍ଥିତ ଥିଲେ।

# ଜିଲା ବଦଳରେ ବ୍ଲକ ସ୍ତରରେ କାଉନ୍‌ସେଲିଂ ଦାବି

ନବରଙ୍ଗପୁର,୨୭।୧୦(ବି.ପ୍ର.)

**ଡିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରାଥମିକ ଶିକ୍ଷକଙ୍କ ଧାରଣା**

ନବରଙ୍ଗପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବୁଧବାର ଡିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକାତ୍ମକ ଧାରଣା ଦିଆଯାଇଛି। ଜିଲା ସ୍ତରରେ କାଉନ୍‌ସେଲିଂ କରାଯାଇ ଶିକ୍ଷକଙ୍କୁ ପଦୋନ୍ନତି ଦେବାକୁ ଯେଉଁ ନିଷ୍ପତ୍ତି ନିଆଯାଇଛି ସେଥିରେ ପରିବର୍ତ୍ତନ ସହ ବ୍ଲକ ସ୍ତରରେ କାଉନ୍‌ସେଲିଂ କରାଯାଇ ଶିକ୍ଷକମାନଙ୍କ ପଦୋନ୍ନତି ଓ ବଦଳି କରାଯାଉ ବୋଲି ସଂଘ ପକ୍ଷରୁ ଦାବି ହୋଇଛି। ଏ ନେଇ ୨୦୧୯ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଗେଜେଟରେ ପ୍ରକାଶିତ ରହିଛି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏବେବି ଲୋକଙ୍କ ମଧ୍ୟରୁ କରୋନା ଭୟ ଦୂର ହୋଇନି। ଏଭଳି ସ୍ଥଳେ ଜିଲା ସ୍ତରରେ ପଦୋନ୍ନତି କାଉନ୍‌ସେଲିଂ ପ୍ରକ୍ରିୟା କରାଗଲେ ଜିଲାର ୧୦ଟି ବ୍ଲକରୁ ଶିକ୍ଷକ ଯୋଗଦେବେ। ଏହାଦ୍ୱାରା ଭିଡ଼ ସୃଷ୍ଟି ହେବ। ସେହିପରି ଅକ୍ଟୋବର ୩୦ରୁ ନଭେମ୍ବର ୪ ପର୍ଯ୍ୟନ୍ତ ବିଏସ୍‌କେୱାଇ ସ୍ମାର୍ଟ କାର୍ଡ ମଧ ଜିଲାରେ ବିତରଣ ହେବ। ଏଥିରେ ଶିକ୍ଷକମାନଙ୍କୁ ନିୟୋଜିତ କରାଯାଇଥିବାରୁ ସେମାନେ କାଉନ୍‌ସେଲିଂରେ କିଭଳି ଯୋଗଦେବେ ବୋଲି ପ୍ରଶ୍ନ ଉଠାଇଛନ୍ତି। ଅକ୍ଟୋବର ୨୨ରେ ଜିଲାସ୍ତରୀୟ କାଉନ୍‌ସେଲିଂ ପାଇଁ କରାଯାଇଥିବା ଚିଠିକୁ ପରିବର୍ତ୍ତନ କରି ବ୍ଲକ ସ୍ତରରେ କରାଯିବାକୁ ସଂଘ ଦାବି କରିଛି। ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପ୍ରତୀକ ଧାରଣା ଜାରି ରହିବ ବୋଲି ସଂଘର ସମ୍ପାଦକ ରମଣି ରଞ୍ଜନ ତ୍ରିପାଠୀ କହିଛନ୍ତି।




ଶିକ୍ଷକମାନେ ଧାରଣାରେ ବସିଛନ୍ତି।

### ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ପାପଡାହାଣ୍ଡି,୨୭।୧୦(ଡି.ଏନ୍.ଏ.)

ପାପଡ଼ାହାଣ୍ଡି ବ୍ଲକ ଦେଓଧରା ଗ୍ରାମର ଉପେନ୍ଦ୍ର ଭତରା ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ପାପଡ଼ାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଉପେନ୍ଦ୍ର ବାଇକ ଯୋଗେ ପାତ୍ରୀ ପଞ୍ଚାୟତର ଧନସୁଲି ଗ୍ରାମରୁ କୋଦଭଙ୍ଗା ଗ୍ରାମକୁ ଯିବାବେଳେ ତଳେ ପଡ଼ିଯାଇଥିଲେ। ତାଙ୍କ ମୁହଁରେ ପଥର ବାଜି ଗଭୀର ଆଘାତ ଲାଗିଥିଲା।

### ପ୍ରଫେସର ବିଜୟ ଷଡଙ୍ଗୀଙ୍କ ମୃତ୍ୟୁରେ ସ୍ମୃତିସଭା

କୋରାପୁଟ,୨୭।୧୦(ସ୍ୱ.ପ୍ର.)– କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ଅର୍ଥୋପେଡିକ ବିଭାଗର ମୁଖ୍ୟ ପ୍ରଫେସର ବିଜୟ ଷଡଙ୍ଗୀଙ୍କ ମୃତ୍ୟୁରେ ମେଡିକାଲ କଲେଜ ଠାରେ ଏକ ମଙ୍ଗଳବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଡିନ୍ କୃଷ୍ଣଚନ୍ଦ୍ର ବିଶ୍ୱାଳ ଅଧକ୍ଷତା କରିଥିଲେ। କଲେଜର ଅଧୀକ୍ଷକ ପ୍ରଫେସର ସୀତାରାମ ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ।

# ଦ୍ୱିତୀୟ ପର୍ଯ୍ୟାୟରେ ଗଡ଼ିଲା ୪ ମାଣ୍ଡିଆ ରଥ



ଅତିଥିମାନେ ଉପସ୍ଥିତ ରହି ରଥ ଶୁଭାରମ୍ଭ କରୁଛନ୍ତି।

ଚନ୍ଦ୍ରପୁର,୨୭।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟ ମାଣ୍ଡିଆ ସଚେତନତା ରଥ ଗଡ଼ିଛି। ଡାଙ୍ଗସୋରଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଧାନୁମାଝି କୁମୁରୁକା ୪ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥଗୁଡ଼ିକ ବ୍ଲକ ଅଧୀନ ୮ ପଞ୍ଚାୟତର ସମସ୍ତ ଗାଁ ବୁଲି ଚାଷୀଙ୍କୁ ମାଣ୍ଡିଆଚାଷ କରିବା ଏବଂ ସରକାରୀ ମୂଲ୍ୟରେ ମଣ୍ଡିରେ ବିକ୍ରିକରି ଲାଭବାନ୍ ହେବାକୁ ସଚେତନ କରିବ। ମାଣ୍ଡିଆଚାଷ ପାଇଁ ଅଧିକ ପାଣିର ଆବଶ୍ୟକତା ନ ଥିବାରୁ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ଚାଷ କରାଯାଇପାରିବ। ତେଣୁ ଚାଷୀମାନେ ଅଧିକରୁ ଅଧିକ ପୋଷଣରେ ଭରପୂର ଏହି କ୍ଷୁଦ୍ରଶସ୍ୟ ଚାଷ କରିବାକୁ ସଚେତନ କରାଯିବ। ସମ୍ମାନିତ ଅତିଥି ରୂପେ ଡାଙ୍ଗସୋରଡ଼ାସ୍ଥିତ କୃଷି ବିଭାଗ ଅଧିଦର୍ଶକ ରଜନୀ ମିଶ୍ର, ସମିତି ସଭ୍ୟ ଉଦୟ ମୁଣ୍ଡିକା, ତ୍ରିନାଥ ମୁଣ୍ଡିକା, ପ୍ରଭାତ ଏନ୍‌ଜିଓର କର୍ମକର୍ତ୍ତା ଏସ୍. ଦିନେଶ କୁମାର, ରତ୍ନାକର ପାତ୍ର, ଟୁନା ପାଲକା ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଥ ବ୍ଲକର ସମସ୍ତ ପଞ୍ଚାୟତ ପରିକ୍ରମା କରିବ।

# ଶହୀଦ ମିନାର ପରିସରରେ କ୍ଲିନ୍ ଇଣ୍ଡିଆ କାର୍ଯ୍ୟକ୍ରମ

ପାପଡ଼ାହାଣ୍ଡି,୨୭।୧୦(ଡି.ଏନ୍.ଏ.)

**ଆଜାଦୀ କା ଅମୃତ ମହୋତ୍ସବ**

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କ୍ଷେତ୍ର ପ୍ରସାର କାର୍ଯ୍ୟାଳୟ ଜୟପୁର ପକ୍ଷରୁ ନବରଙ୍ଗପୁର ଜିଲାରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଇଛି। ଦୁଇଦିନିଆ ଉତ୍ସବର ପ୍ରଥମ ଦିନରେ ବୁଧବାର କ୍ଲିନ୍ ଇଣ୍ଡିଆ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏଥିରେ ପାପଡ଼ାହାଣ୍ଡିର ଶହୀଦ ସ୍ମୃତିସ୍ତମ୍ଭ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ ୨.୦ ଅନୁଷ୍ଠିତ ହୋଇଥିଲା। ଜିଲା ଜଳ ଓ ପରିମଳ ମିଶନ ସହଯୋଗରେ ଅନୁଷ୍ଠିତ ଏହି ଅଭିଯାନରେ ସ୍ୱେଚ୍ଛାସେବୀ ଓ ଏସ୍ଏଚ୍‌ଜି ମହିଳାମାନେ ସାମିଲହୋଇ ଶହୀଦ ସ୍ମୃତିସ୍ତମ୍ଭ ପରିସରକୁ ସଫା କରିଥିଲେ। ଏହି ଅବସରରେ ସ୍ୱଚ୍ଛତା ବାର୍ତ୍ତା ପ୍ରଚାର କରାଯିବା ସହ ପ୍ଲାକାର୍ଡ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ଏସ୍ଏଚ୍‌ଜି ସଦସ୍ୟାଙ୍କ ମଧ୍ୟରେ ବିଭିନ୍ନ ଖେଳ ଓ କୁଇଜ ପ୍ରତିଯୋଗିତା ମଧ ଅନୁଷ୍ଠିତ ହୋଇଥିଲା। ଏଥିସହ ପାପଡ଼ାହାଣ୍ଡିର ଉଚ୍ଚ ମାଧମିକ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ମଧ୍ୟରେ ରଙ୍ଗୋଲି ଓ ସଙ୍ଗୀତ ଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅମର ଶହୀଦଙ୍କ ଗାଥାକୁ ଏହି ପ୍ରତିଯୋଗିତା ମାଧ୍ୟମରେ ମନେ ପକାଇଥିଲେ। କାର୍ଯ୍ୟକ୍ରମରେ ଜୟପୁରସ୍ଥିତ କ୍ଷେତ୍ର ପ୍ରସାର କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ପ୍ରଧାନ, ଜିଲା ଜଳ ଓ ପରିମଳ ମିଶନର ମିଶନ ସଂଯୋଜିକା ଶୁଭଶ୍ରୀ ଜେନା, ଡିଆଇପିଆର୍‌ଓ ହଳଧର ନିଆଲ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।



ପରିବେଶ ସ୍ୱଚ୍ଛ ରଖିବାକୁ ଶପଥ ନେଉଛନ୍ତି।

# ୧୦୦ରୁ ଉର୍ଦ୍ଧ୍ୱ ଏସ୍ଏଚ୍‌ଜିଙ୍କୁ ମିଳିବ ଋଣ

ପଦ୍ମପୁର,୨୭।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁରସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଏକ ମେଗା ସମନ୍ୱୟ ମେଳା ତଥା ମିଶନ ଶକ୍ତି ଋଣ ମେଳା ଆୟୋଜିତ ହୋଇଯାଇଛି। ପଦ୍ମପୁର ବିଡିଓ ଦୟାମୟ ପାଢ଼ୀଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର କୁମାର ଦାସ ଏବଂ ମୁଖ୍ୟବକ୍ତା ଭାବେ ପଞ୍ଚାୟତ ସମିତି ଅଧକ୍ଷ ରମାକାନ୍ତ ମାଝି ଉପସ୍ଥିତ ଥିଲେ। ଅନ୍ୟ ପଦାଧିକାରୀଙ୍କ ମଧ୍ୟରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରମିଳା ବେହେରା ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ୨୫୦ରୁ ଉର୍ଦ୍ଧ୍ୱ ଏସ୍ଏଚ୍‌ଜି ଯୋଗ ଦେଇଥିବାବେଳେ ୧୦୦ରୁ ଗୋଷ୍ଠୀକୁ ଋଣ ପ୍ରଦାନ ନିମନ୍ତେ ସ୍ଥିର ହୋଇଥିଲା। ଏହି ମେଗା ସମନ୍ୱୟ ମେଳାରେ ସମସ୍ତ ଅତିଥି ଯୋଗଦେଇ ମିଶନ ଶକ୍ତି ଜରିଆରେ ଏସ୍ଏଚ୍‌ଜି ମହିଳାଙ୍କ ପାଇଁ ରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇବା ସହ ଜୀବିକା ଆରମ୍ଭ କରି ସ୍ୱାବଲମ୍ବୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ ଋଣ ମେଳାରେ ଏସ୍‌ବିଆଇ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ, କେସିସିବି ବ୍ୟାଙ୍କ ଶାଖା ପରିଚାଳକମାନେ ଯୋଗଦେଇ ଗୋଷ୍ଠୀମାନଙ୍କୁ ଋଣ ଯୋଗାଇଦେବା ବିଷୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଶନ ଶକ୍ତି ବ୍ଲକ ସ୍ତରୀୟ ମହାସଂଘର ସଭାନେତ୍ରୀ ମମତା ପାଣିଗ୍ରାହୀ, ବ୍ଲକ ସ୍ତରୀୟ ମହାସଂଘର କୋଷାଧକ୍ଷା ସୁନନ୍ଦା ଶତପଥୀ, ଜୀବିକା ମିଶନର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ମାନସି ଟାକ୍ରି, ମିଶନ ଶକ୍ତି ବ୍ଲକ କାର୍ଯ୍ୟକ୍ରମ ସହାୟିକା ଯେସ୍ମିତା ଗମାଙ୍ଗ ସହଯୋଗ କରିଥିବା ବେଳେ ମିଶନ ଶକ୍ତିର ବ୍ଲକ ପ୍ରୋଗ୍ରାମ୍ କୋଅର୍ଡିନେଟର ସୁନୀଲ କୁମାର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ବ୍ଲକସ୍ତରୀୟ ମିଶନ ଶକ୍ତି ଋଣମେଳା**

### ମମିତା ମେହେର ହତ୍ୟା ଘଟଣା ସିବିଆଇ ତଦନ୍ତ ନେଇ ଜିଲା ପ୍ରଶାସନଙ୍କୁ ଦାବିପତ୍ର ଦେଲେ ଛାତ୍ରୀଛାତ୍ର

କୋରାପୁଟ,୨୭।୧୦(ସ୍ୱ.ପ୍ର.)– କଳାହାଣ୍ଡି ଜିଲା ମହାଲିଙ୍ଗ ସନସାଇନ ପବ୍ଲିକ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ କରିବା ଏବଂ ଏଥିରେ ଜଡିତ ଥିବା ବ୍ୟକ୍ତିମାନଙ୍କୁ ଗିରଫ କରିବା ଦାବିରେ ବୁଧବାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କ ମନ୍ତ୍ରୀଙ୍କ ସହ ଘନିଷ୍ଠ ସମ୍ପର୍କ ଥିବାରୁ ପିଡିତାଙ୍କ ପରିବାରକୁ ନ୍ୟାୟ ମିଳିବା ସମ୍ଭାବନା ନାହିଁ। ତେଣୁ ନିରପେକ୍ଷ ତଦନ୍ତ ପାଇଁ ଏହି ମାମଲା ସିବିଆଇକୁ ଦେବା ଉଚିତ ବୋଲି ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଏନେଇ ବୁଧବାର ଜୟପୁର ଆଇନ ମହାବିଦ୍ୟାଳୟ ଛାତ୍ର ପ୍ରମୋଦ



କନ୍ଦପାନ, ବଳରାମ ପାଙ୍ଗି, ଲକ୍ଷ୍ମଣ କାଲମପେଦା,ଗୋଲକେଶ ସାଉଁନ୍ତା, କୁଶ ଅଲାବଙ୍କ ସମେତ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଜିଲାପାଳ ଅବଦାଲ ଏମ. ଅଖତାରଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

# ଶିକ୍ଷକ ଅଭାବ ନେଇ ବିଇଓ ଅଫିସ ଘେରିଲେ ଅଭିଭାବକ

ପଟ୍ଟାଙ୍ଗୀ,୨୭।୧୦(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସଦର ମହକୁମାସ୍ଥିତ ଗୋପବନ୍ଧୁପଲ୍ଲୀ ଉ.ପ୍ରା. ବିଦ୍ୟାଳୟରେ ଶିକ୍ଷକ ଅଭାବ ନେଇ ଅସନ୍ତୁଷ୍ଟ ଅଭିଭାବକମାନେ ବୁଧବାର ବିଇଓଙ୍କ ଅଫିସ ଘେରାଉ କରିଥିଲେ। ଉପସ୍ଥିତ କର୍ମଚାରୀଙ୍କୁ ଦାବିପତ୍ର ଦେଇଥିଲେ। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ରହିଛି। ୧୨୪ ଜଣ ଛାତ୍ରୀଛାତ୍ର ପଢୁଥିବା ବିଦ୍ୟାଳୟରେ ୫ଜଣ ଶିକ୍ଷୟିତ୍ରୀ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷୟିତ୍ରୀଙ୍କୁ ଅନ୍ୟ ବିଦ୍ୟାଳୟକୁ ଡେପୁଟେଶନରେ ପଠାଯାଇଥିବା ବେଳେ ଅନ୍ୟ ଜଣଙ୍କୁ ସିଆର୍‌ସିସି ଭାବେ ନିଯୁକ୍ତି ମିଳିଛି। ୩ଜଣ ଶିକ୍ଷୟିତ୍ରୀଙ୍କୁ ନେଇ ବିଦ୍ୟାଳୟ ଚଳାଇବା କଷ୍ଟକର ହୋଇପଡୁଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ, ବିଦ୍ୟାଳୟଟି ବିଇଓଙ୍କ କାର୍ଯ୍ୟାଳୟ ପରିସରରେ ଥିବା ବେଳେ ବିଦ୍ୟାଳୟ ସମସ୍ୟା ପ୍ରତି ବିଇଓ ଗୁରୁତ୍ୱ ଦେଉନାହାନ୍ତି। ୧୯୭୬ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଅନୁପାତରେ ଶ୍ରେଣୀଗୃହ ନାହିଁ। ମାତ୍ର ୪ଟି ଶ୍ରେଣୀଗୃହ ରହିଛି। ପ୍ରତି ଶ୍ରେଣୀଗୃହରେ ଦୁଇଟି କ୍ଲାସ୍‌ର ଛାତ୍ରୀଛାତ୍ରଙ୍କୁ ବସାଇ ପାଠ ପଢ଼ାଯାଉଛି। ଏନେଇ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରଜନୀକାନ୍ତ ବଡ଼ନାୟକଙ୍କୁ ପଚାରିବାରୁ ସେ କହିଲେ, ଅଭିଭାବକଙ୍କଠାରୁ ଆସିଥିବା ଦାବି ସମ୍ପର୍କରେ ସେ ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ୟାର ଶୀଘ୍ର ସମାଧାନ କରିବେ।


ଅଭିଭାବକମାନେ କାର୍ଯ୍ୟାଳୟ ଘେରାଉ କରିଛନ୍ତି ।

## ସଂକ୍ଷେପରେ

### ୮ ଜୁଆଡ଼ି ଗିରଫ, ୩୬ ହଜାର ଟଙ୍କା ଜବତ



ମାଲକାନଗିରି,୨୭।୧୦ (ଡି.ଏନ.ଏ.)- ବାଲିମେଳା ମ୍ୟୁନିସିପାଲିଟିର ଏକ ଘରେ ଜୁଆ ଖେଳ ଚାଲିଥିବା ଖବର ପାଇ ମଙ୍ଗଳବାର ରାତିରେ ଚିତ୍ରକୋଣ୍ଡା ଏସ୍‌ଡିପିଓଙ୍କ ନେତୃତ୍ୱରେ ପୋଲିସ ଚଢ଼ାଉକରି ୮ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୩୬ ହଜାର ୭୮୦ ଟଙ୍କା, ୮ଟି ମୋବାଇଲ ଏବଂ ଗୋଟିଏ ହୁଣ୍ଡାଇ କାର୍ ଜବତ କରିଛି। ତେବେ ଏଥିରେ ସମ୍ପୃକ୍ତ ଥିବା ଅନ୍ୟମାନେ ଫେରାର ହୋଇଯାଇଥିଲେ। ଗିରଫ ଜୁଆଡ଼ିଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

### ଏମ୍‌ଭି-୮୦ ଗ୍ରାମରେ ସାମାଜିକ କାର୍ଯ୍ୟକ୍ରମ

ଏମ୍‌ଭି ୭୯,୨୭।୧୦(ଡି.ଏନ୍.ଏ.)- ମାଲକାନଗିରି ଜିଲା କାଲିମେଳା ବ୍ଲକ ଲୁଗେଲ ପଞ୍ଚାୟତର ଏମ୍‌ଭି-୮୦ ଗ୍ରାମରେ ବୁଧବାର ଛାତ୍ର ଜନତା ଦଳ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିସର ଓ ଗାଁ ରାସ୍ତାରେ କର୍ମୀମାନେ ସଫେଇ କରିଥିଲେ। ଏହି ସାମାଜିକ ସେବା କାର୍ଯ୍ୟକ୍ରମର ନେତୃତ୍ୱ ଛାତ୍ର ଜନତାର ଜିଲା ସଭାପତି ତାପସ ରଞ୍ଜନ ନାୟକ ନେଇଥିଲେ। ଜିଲା ସାଧାରଣ ସମ୍ପାଦକ ଆଶିଷ ବାଇନ, ସୁମିତ ମଜୁମଦାର, ଶେଖର ସରଦାର, ମାଧବ ରେଡ଼ି, ଶୁଭମ ମାଲିକ, ଜୀବନ ମଣ୍ଡଳ, ଅଭିଜିତ ଦାସ, ଶିବା ସରକାର, ରନଟୁ ମଣ୍ଡଳ, ଦେବାଶିଷ ଦେବନାଥ, ବିଜୟ ମଣ୍ଡଳ ପ୍ରମୁଖ ସାମିଲ ହୋଇଥିଲେ।

### ଆଖଡ଼ା ଗୁରୁ ଶେଖରଙ୍କ ପରଲୋକ

ଜୟପୁର, ୨୭।୧୦ (ନି.ପ୍ର.)-ଜୟପୁର ସହର ପୁରୁଣାଗଡ଼ର ଗାନ୍ଧୀବାଦୀ ବ୍ୟକ୍ତିତ୍ୱ ତଥା ଆଖଡ଼ା ଗୁରୁ ରୂପେ ପରିଚିତ ଶେଖର ଗୁରୁଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା। ସେ ପୁରୁଣାଗଡ଼ର ହନୁମାନ ମନ୍ଦିର ପ୍ରତିଷ୍ଠାତା ଥିଲେ। ଆୟୁର୍ବେଦିକ ବୈଦ୍ୟ ରୂପେ ଲୋକଙ୍କ ସେବା କରୁଥିଲେ। ତାଙ୍କ ମୃତ୍ୟୁରେ କୋରାପୁଟ ଜିଲାରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପାଇଁ ବିଧାୟକ ତାରାପ୍ରସାଦ ବାହିନୀପତି ଶୋକ ବ୍ୟକ୍ତ କରିଛନ୍ତି।

### ସହରର ବସ୍ତି ଅଞ୍ଚଳ ବିକାଶ ନେଇ ବୈଠକ

କୋରାପୁଟ,୨୭।୧୦(ସ୍ୱ.ପ୍ର.)- କୋରାପୁଟ ମ୍ୟୁନିସିପାଲିଟି ଅଧୀନରେ ଥିବା ବସ୍ତି ଅଞ୍ଚଳର ବିକାଶ ନେଇ ବୁଧବାର ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ ଅଧକ୍ଷତା କରିଥିଲେ। ବୈଠକରେ ଅତିରିକ୍ତ ତହସିଲଦାର ସସ୍ମିତା ଜେନା, ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ବିଭୁ ରଞ୍ଜନ ସେଠୀ, ସମାଜିକ କର୍ମୀ ଭବାନୀ ଶଙ୍କର ମିଶ୍ର, ଅଧାପକ ରବି ଶତପଥୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି କୋରାପୁଟ ମ୍ୟୁନିସିପାଲିଟି ଅଞ୍ଚଳରେ ଥିବା ୫୮ ଟି ବସ୍ତିର ବିକାଶ ନେଇ ଆଲୋଚନା କରିଥିଲେ। ବସ୍ତିରେ ପାନୀୟଜଳ ଯୋଗାଣ, ବିଦ୍ୟୁତକରଣ, ଷ୍ଟ୍ରିଟ ଲାଇଟ ଆଦି ମୌଳିକ ସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା। ୫୮ଟି ବସ୍ତି ଅଞ୍ଚଳରୁ ୩୫ଟିରେ କାର୍ଯ୍ୟ ଶେଷ ହୋଇଥିବାବେଳେ ୬ଟିରେ କାର୍ଯ୍ୟ ଚାଲୁ ରହିଛି। ୧୭ ଟି ବସ୍ତି ଅଞ୍ଚଳରେ ଆଗାମୀ ଦିନରେ କାର୍ଯ୍ୟ କରାଯିବ ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ।

# ଲାଞ୍ଚ ଦେବା, ନେବା ଲୋକ ସଚେତନ ହେଲେ ଦୁର୍ନୀତି ହ୍ରାସ ପାଇବ

ଦଶମନ୍ତପୁର, ୨୭।୧୦( ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପୋଡ଼ାଗଡ଼ ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଗୃହ ପରିସରରେ ବୁଧବାର ବ୍ଲକସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଭଗବାନ ମୁଦୁଲିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଭିଜିଲାନ୍ସର ଅଧିକାରୀ ସୁରେନ୍ଦ୍ରନାଥ ପାଣିଗ୍ରାହୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ବିଡିଓ ଡମ୍ବରୁଧର ମଲିକ, ବ୍ଲକ ବିଜେଡି ସଭାପତି ମହେନ୍ଦ୍ର କୁମାର କୁଲଦୀପ, ପିଇଓ ଗଣେଶ୍ୱର କୁଲଦୀପ, ମାଲକାନଗିରି ସରପଞ୍ଚ ନିୟତି ଗିରେନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଯିଏ ଲାଞ୍ଚ ଦେଉଛି ସେ ଅପରାଧୀ ଏବଂ ଯିଏ ଲାଞ୍ଚ ନେଉଛି ସେ ମଧ୍ୟ ଅପରାଧୀ। ଏପରି କ୍ଷେତ୍ରରେ ଏହି ଦୁଇବ୍ୟକ୍ତି ସଚେତନ ହେଲେ ସମାଜରୁ ଦୁର୍ନୀତି ହ୍ରାସ ପାଇବ। ଯେକେହି ବିଭାଗୀୟ ଅଧିକାରୀ କିମ୍ବା ବ୍ୟକ୍ତିବିଶେଷ ଲାଞ୍ଚ ମାଗିଲେ ଜନସାଧାରଣ ଭିଜିଲାନ୍ସର ଦ୍ୱାରସ୍ଥ ହୋଇ ଅଭିଯୋଗ କରିବାକୁ ମୁଖ୍ୟ ଅତିଥି ପାଣିଗ୍ରାହୀ ପରାମର୍ଶ ଦେଇ ଅଭିଯୋଗକାରୀଙ୍କ ନାମ ପ୍ରକାଶ କରାଯିବ ନାହିଁ ବୋଲି କହିଥିଲେ। ସମ୍ମାନିତ ଅତିଥିମାନେ ମଧ୍ୟ ନିଜ ବକ୍ତବ୍ୟରେ କାହାକୁ କୌଣସି କ୍ଷେତ୍ରରେ ଲାଞ୍ଚ ନ ଦେଇ ଦଶମନ୍ତପୁରକୁ ଏକ ଦୁର୍ନୀତିମୁକ୍ତ ବ୍ଲକ ରୂପେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସମସ୍ତଙ୍କୁ ଶପଥ ପାଠ କରାଯାଇଥିଲା।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ୨୮୮ ଜଣଙ୍କୁ ମିଳିଲା ପ୍ରମାଣପତ୍ର

ବୋରିଗୁମ୍ମା, ୨୭।୧୦(ଡି.ଏନ୍.ଏ.)

**ବୋରିଗୁମ୍ମାରେ ଭୀମ ଭୋଇ ସାମର୍ଥ୍ୟ ଶିବିର**

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରଣୟ ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରରେ ବ୍ଲକର ୩୧ ପଞ୍ଚାୟତରୁ ଭିନ୍ନକ୍ଷମମାନେ ଅଂଶଗ୍ରହଣ କରିଥିଲେ। ଡାକ୍ତରଙ୍କ ଚିକିତ୍ସା ପରେ ସେମାନଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅସ୍ଥିଶଲ୍ୟ ବିଭାଗ, ଶ୍ରବଣବାଧିତ, ଦୃଷ୍ଟି ବାଧିତ, ବୌଦ୍ଧିକ ଅକ୍ଷମତା ଓ ଅନ୍ୟାନ୍ୟ ବର୍ଗର ଭିନ୍ନକ୍ଷମମାନଙ୍କୁ ୨୮୮ଟି ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁବ୍ରତ ପାଣିଗ୍ରାହୀ କହିଛନ୍ତି। ଏମାନଙ୍କ ମଧ୍ୟରୁ ଡିଡିଆର୍‌ସି ରୂପେ ୨୪୪ ପରିଚୟପତ୍ର ପ୍ରଦାନ କରାଯାଇଥିବା ବେଳେ ୧୬୭ ଜଣଙ୍କୁ ବସ୍‌ପାସ୍,୧୪୦ ଜଣଙ୍କୁ ସହାୟତା ଉପକରଣ ପ୍ରଦାନ କରାଯାଇଛି। ୩ ଜଣ ଭିନ୍ନକ୍ଷମଙ୍କୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଶିବିରରେ ଯୋଗଦେଇ ଭିନ୍ନକ୍ଷମଙ୍କୁ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଅସ୍ଥିଶଲ୍ୟ ବିଭାଗରେ ୧୭୫ଜଣ, ଶ୍ରବଣବାଧିତ ୧୦୬ ଜଣ, ଦୃଷ୍ଟିବାଧିତ ୭୯ ଜଣ, ବୌଦ୍ଧିକ ଅକ୍ଷମତା ବିଭାଗରେ ୭୦ଜଣ ଭିନ୍ନକ୍ଷମ ପଞ୍ଜୀକୃତ ହୋଇଥିଲେ। ବିଭିନ୍ନ ବିଭାଗର ଡାକ୍ତରଙ୍କ ସହ ମୋନାଲିସା ସାମନ୍ତରାୟ, ଜଗଦୀଶ ମେହେର, ନନ୍ଦିନୀ ବଡ଼ଜେନା, ସୁବାସ ଚନ୍ଦ୍ର ନାୟକ, ମନ୍ତ୍ରୀ ପ୍ରତିନିଧି ନରେନ୍ଦ୍ର ବିଶୋୟୀ ଶିବିର ପରିଚାଳନା କରିଥିଲେ।


ବିଧାୟକ ତାରାପ୍ରସାଦ ବାହିନୀପତି ଜଣେ ଭିନ୍ନକ୍ଷମଙ୍କୁ ମିଳିଥିବା ପ୍ରମାଣପତ୍ର ଦେଖୁଛନ୍ତି।

# ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

ମାଲକାନଗିରି,୨୭।୧୦ (ଡି.ଏନ.ଏ)

ମାଲକାନଗିରି ଜିଲା ଜଜ୍ ରେଖାପ୍ରସାଦ ଏକ ସ୍ତ୍ରୀହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀଙ୍କୁ ବୁଧବାର ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୨୦ ୨୦ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି। ଏହା ଅନାଦେୟ ହେଲେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ମାମଲାର ବିବରଣୀରୁ ଜଣାପଡିଛି ୨୦୧୬ ମେ ୨୧ରେ ବାଲମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ୧୭ ନମ୍ବର ୱାର୍ଡର ଜୟନ୍ତୀ ଜାନି ବାଲିମେଳା ପାୱାର୍ ହାଉସ୍ କେନାଲ୍‌ରେ ଏକ ମୃତଦେହ ଭାସୁଥିବା ନେଇ ପୋଲିସକୁ ଜଣାଇଥିଲେ। ଏହାକୁ ଭିତ୍ତିକରି ଓର୍କେଲ୍ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିତ ଦନ୍ତ ଚଳାଇଥିଲା। ତଦନ୍ତରୁ ଏହି ମୃତଦେହ ସୁଲତାନ ସିଂଙ୍କ ସ୍ତ୍ରୀ ରଶ୍ମିତା ବାଘଙ୍କର ବୋଲି ଜଣାପଡିଥିଲା। ରଶ୍ମିତାଙ୍କୁ ତାଙ୍କ ସ୍ୱାମୀ ସୁଲତାନ ହତ୍ୟା କରି ଏକ ଜରି ବସ୍ତାରେ ପୂରାଇ କେନାଲ୍‌ରେ ଫୋପାଡି ଦେଇଥିଲେ। ପୋଲିସ କେସ୍ ନମ୍ବର ୪୬/୨୦୧୬ରେ ମାମଲା ରୁଜୁକରି ଅଭିଯୁକ୍ତ ସୁଲତାନ୍ ଓ ତାଙ୍କ ବାପା କାଲଭିନ୍ ସିଂ ଓ ମାଆ ହର୍‌ଜିତ୍ କୌରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୧୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ବିଚାରପତି ମୁଖ୍ୟ ଅଭିଯୁକ୍ତ ସୁଲତାନଙ୍କୁ ଉପରୋକ୍ତ ଦଣ୍ଡାଦେଶ କରିଛନ୍ତି। ଅନ୍ୟ ୨ଜଣଙ୍କ ମାମଲା ବିଚାରାଧୀନ ଅଛି। ମାମଲାକୁ ସରକାରଙ୍କ ପକ୍ଷରୁ ପି.ପି.ମହେନ୍ଦ୍ର କୁମାର ନାଗ୍ ପରିଚାଳନା କରୁଥିଲେ।

# ସ୍ୱାଧୀନତା ସଂଗ୍ରାମରେ ସୁଭାଷଙ୍କ ଅବଦାନ ଥିଲା ଅତୁଳନୀୟ



ମାଲକାନଗିରି/ଏମ୍‌ଭି-୭୯, ୨୭।୧୦ (ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଏମ୍‌ପିଭି-୮୨ ବିଦ୍ୟାଳୟଠାରେ ବୁଧବାର ସୁଭାଷ ଚନ୍ଦ୍ର ବୋଷଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡ଼ିଆମି, ମାଲକାନଗିରି ବିଧାୟକ ଆଦିତ୍ୟ ମାଡ଼ି ଯୋଗଦେଇ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ମୂର୍ତ୍ତି ଉନ୍ମୋଚନ ପରେ ବିଦ୍ୟାଳୟ ପରିସରରେ ଏକ ବୈଠକ ହୋଇଥିଲା। ଏଥିରେ ଅତିଥିମାନେ ସୁଭାଷ ବୋଷଙ୍କ ଜୀବନୀ ଉପରେ ଆଲୋଚନାକରି ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଅବଦାନ ଅତୁଳନୀୟ। ଦେଶକୁ ସ୍ୱାଧୀନ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଆଜି ମଧ୍ୟ ତାଙ୍କ ଆଦର୍ଶ ଓ ନୀତିକୁ ଏହି ସମାଜ ମନେରଖିଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନସ ମାଡକାମୀ, ଲୁଗେଲ ସରପଞ୍ଚ ଲକ୍ଷ୍ମୀ ସୋଡ଼ିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ୯ ଜିଲାରେ ନିର୍ମାଣ ହେବ ୪୮୩ ମୋବାଇଲ ଟାୱାର: ବି.କେ. ନାୟକ

କୋରାପୁଟ,୨୭।୧୦(ସ୍ୱ.ପ୍ର.)

**ମାଲକାନଗିରି ଜିଲାରେ ୧୨୮, କୋରାପୁଟରେ ୮୫, ନବରଙ୍ଗପୁରରେ ୨୨, ରାୟଗଡା ଜିଲାରେ ୩୩ ଟାୱାର**

ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଜିଲା କୋରାପୁଟ ସମେତ ମାଲକାନାଗିରି, ରାୟଗଡା, ନବରଙ୍ଗପୁର, କନ୍ଧମାଳ, କଳାହାଣ୍ଡି, ନୂଆପଡା,ବରଗଡ, ବୌଦ୍ଧ ଆଦି ୯ଟି ଜିଲାରେ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ୪୮୩ଟି ୪ଜି ମୋବାଇଲ ଟାୱାର ନିର୍ମାଣ କରାଯିବ। ବୁଧବାର ସ୍ଥାନୀୟ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏଲଏସଏର ସିନିୟର ବରିଷ୍ଠ ଡେପୁଟି ଡାଇରେକ୍ଟର ଜେନରାଲ ବିକେ ନାୟକ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନାରେ ୪୨୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ୪୮୩ ଟାୱାର ମଧ୍ୟରେ ମାଲକାନାଗିରି ଜିଲାରେ ସର୍ବାଧିକ ୧୨୮ଟି ଟାୱାର ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। କନ୍ଧମାଳ ଜିଲାରେ ୯୮ଟି, କୋରାପୁଟ ଜିଲାରେ ୮୫ଟି , କଳାହାଣ୍ଡି ଜିଲାରେ ୬୬ଟି , ନୁଆପଡା ଜିଲାରେ ୪୯ଟି , ରାୟଗଡା ଜିଲାରେ ୩୩ଟି , ନବରଙ୍ଗପୁର ଜିଲାରେ ୨୨ଟି , ବରଗଡ ଜିଲାରେ ୨ଟି ଓ ବୌଦ୍ଧ ଜିଲାରେ ୨ଟି ଟାୱାର ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ନାୟକ କହିଛନ୍ତି। ଏନେଇ ୨୦୨୨ ମାର୍ଚ୍ଚ ସୁଦ୍ଧା ସର୍ଭେ କାର୍ଯ୍ୟ ଶେଷ ହୋଇ କାର୍ଯ୍ୟ ଆରମ୍ଭ ହେବ। ୨୦୨୩ ମାର୍ଚ୍ଚ ଶେଷ ସଦ୍ଧା ଏହି କାର୍ଯ୍ୟ ଶେଷ ହେବ। ଏହି ମୋବାଇଲ ଟାୱାରଗୁଡିକ ବିଶେଷ କରି ଅପହଞ୍ଚ ତଥା ଦୁର୍ଗମ ଅଞ୍ଚଳଗୁଡିକରେ ନିର୍ମାଣ କରାଯିବ। ସେହିପରି ଭାରତ ବ୍ରୋଡବ୍ୟାଣ୍ଡ ନେଟୱାର୍କ ଲିମିଟେଡ ପକ୍ଷରୁ ରାଜ୍ୟ ସରକାରଙ୍କ ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେସନ ଲିମିଟେଡ ଜରିଆରେ କେନ୍ଦ୍ର ସରକାରଙ୍କ ପ୍ରାୟ ୫୦୦ କୋଟି ଟଙ୍କା ବ୍ୟୟ କରି ପ୍ରତି ପଞ୍ଚାୟତକୁ ଅପଟିକାଲ ଫାଇବର କେବୁଲ ଜରିଆରେ ଯୋଡାଯିବା କାର୍ଯ୍ୟ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା କୋରାପୁଟ ଜିଲାର ଲକ୍ଷ୍ୟ ଥିବା ୨୩୮ ପଞ୍ଚାୟତରୁ ୧୮୫ଟି କାର୍ଯ୍ୟ ଶେଷ ହୋଇଛି। ନବରଙ୍ଗପୁର ଜିଲାରେ ୧୮୯ରୁ ୧୮୭, ରାୟଗଡା ଜିଲାର ୧୮୧ଟିରୁ ୧୫୭, ମାଲକାନାଗିରି ଜିଲାରେ ୧୧୫ରୁ ୪୧ଟିରେ କାର୍ଯ୍ୟ ଶେଷ ହୋଇଛି । ସେହିପରି କଳାହାଣ୍ଡି ଜିଲାର ୩୧୨ରୁ ୨୬୬ଟିରେ କାର୍ଯ୍ୟ ଶେଷ ହୋଇଥିବାବେଳେ ନୁଆପଡା ଜିଲାରେ ୧୩୧ରୁ ସମସ୍ତ ୧୩୧, କନ୍ଧମାଳ ଜିଲାର ୧୭୧ଟିରୁ ୧୫୧ ପଞ୍ଚାୟତରେ କାର୍ଯ୍ୟକ୍ଷମ ହୋଇଥିବା ସେ ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଯୋଗଦେଇ ଏହି ଟାୱାର ନିର୍ମାଣରେ ପୋଲିସ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି କହିଥିଲେ । ସେହିପରି ଟାୱାର ପାଇଁ ସମସ୍ତ ସରକାରୀ ଜମି ଚିହ୍ନଟ କରାଯାଇ ପ୍ରଦାନ କରାଯିବ ବୋଲି ଉପସ୍ଥିତ ଜିଲା ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ପ୍ରକାଶ କରିଥିଲେ । ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏଲଏସଏର ଅତିରିକ୍ତ ଡାଇରେକ୍ଟର ଜେନରାଲ (ଗ୍ରାମୀଣ) ଆନସଲ ଅଗ୍ରୱାଲ, ଜିଲା ଯୋଜନା ଓ ସମନ୍ୱୟ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଡେପୁଟି ଡାଇରେକ୍ଟର ଜେନରାଲ ବିକେ ନାୟକ ସୂଚନା ଦେଉଛନ୍ତି।

# କୁନ୍ଦୁଲି ଗୋଶାଳାକୁ ନାଲ୍‌କୋ ପକ୍ଷରୁ ଗୋଖାଦ୍ୟ ପ୍ରଦାନ

ଦାମନଯୋଡି, ୨୭।୧୦(ଡି.ଏନ.ଏ.)

ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅଭିଯାନ ତଥା ଅମୃତ ମହୋତ୍ସବ ପାଳନ ଅବସରରେ ଦାମନଯୋଡି ନାଲକୋ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରହଛି। ଏହଅବସରରେ କୁନ୍ଦୁଲିସ୍ଥିତ ଆଦିମ ଗୁରୁକୁଳ ଆଶ୍ରମର ଗୋଶାଳାରେ ଥିବା ଗୋରୁ ମାନଙ୍କୁ ନାଲକୋ ପକ୍ଷରୁ ଗୋଖାଦ୍ୟ, ନଡ଼ା ସହିତ ଖାଦ୍ୟ ପରଷିବା ପାଇଁ ହଣ୍ଡା ଓ ଡମା ଆଦି ଆଶ୍ରମର ମୁଖ୍ୟ ଆଚାର୍ଯ୍ୟ ବିନୟ କୁମାର ବୈଦିକଙ୍କୁ ପ୍ରଦାନ କରାଯାଇଛି। ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ. ରବିଶଙ୍କର ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ନାଲ୍‌କୋ ସମୂହ ମହାପ୍ରବନ୍ଧକ ସୁଶିଲ କୁମାର ପାଢ଼ୀ, ଭୀମସେନ ପ୍ରଧାନ, ଭାରପ୍ରାପ୍ତ ସମୂହ ମହାପ୍ରବନ୍ଧକ ମର୍ଣି ପ୍ରସାଦ ସାମଲ, ଉପ ମହାପ୍ରବନ୍ଧକ ବିଚ୍ଛନ୍ଦ ଚରଣ ଦାଶସହ ମହାପ୍ରବନ୍ଧକ ମନୋଜ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଆଶ୍ରମ ରୀତିନୀତି ଅନୁଯାୟୀ ଅତିଥିମାନଙ୍କୁ କୁନି କୁନି ଅନ୍ତେବାସୀ ବେଦମନ୍ତ୍ର ପାଠ ସହ ଚନ୍ଦନ ଲଗାଇ ସ୍ୱାଗତ କରିଥିଲେ। । ଆଶ୍ରମ ପକ୍ଷରୁ ଆୟୋଜିତ ଯଜ୍ଞରେ ଅତିଥିମାନେ ଆହୂତି ପ୍ରଦାନ କରିଥିଲେ । ଯଜ୍ଞ ପରେ ଅତିଥି ମାନେ ଗୋରୁଗାଈମାନଙ୍କୁ ଖାଦ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରବନ୍ଧକ ପ୍ରଦ୍ୟୁମ୍ନ କୁମାର ମିଶ୍ର ଓ କନିଷ୍ଠ ଅଧିକାରୀ ବିଶ୍ୱ ରଞ୍ଜନ ପାଢ଼ୀ ପରିଚାଳନା କରିଥିଲେ।


ଅତିଥିମାନେ ଗୋରୁଙ୍କୁ ଖାଦ୍ୟ ପରିବେଷଣ କରୁଛନ୍ତି।


କୋରାପୁଟ ଜିଲା କୋଟିଆ ପଞ୍ଚାୟତର ନେରିଡିବାଲସା ଗ୍ରାମରେ ଆନ୍ଧ୍ର ରାଜ୍ୟ ପକ୍ଷରୁ ସ୍ଥାପିତ ହେବାକୁ ଥିବା ପୋଲିସ ଆଉଟ ପୋଷ୍ଟ ପାଇଁ ନୂତନ ଗୃହ ନିର୍ମାଣ କରିବାକୁ ବୁଧବାର ପାର୍ବତୀପୁର ପିଓ ଆଇଟିଡିଏ କୋର୍ମନାଥ ଏବଂ ଉପଜିଲାପାଳ ଭି.ଭାବନାଙ୍କ ସହ ଅନ୍ୟ କର୍ମଚାରୀମାନେ ନେରେଡିବାଲାସାରେ ପହଞ୍ଚି ଜାଗା ଚିହ୍ନଟ କରିଛନ୍ତି। ଏହି ସମୟରେ ଅଧିକାରୀମାନେ ଆନ୍ଧ୍ର ପକ୍ଷରୁ ନିର୍ବାଚିତ ହୋଇଥିବା ସରପଞ୍ଚ ଦିବାକର ଗେମେଲ , ପୂର୍ବତନ ସରପଞ୍ଚ ବିଶ୍ୱ ଗେମେଲ ଓ ଫଗୁଣସିନେରି ଗ୍ରାମର ଚୋଡପେଲି ବିଶ୍ୱ ଏବଂ ଉପସ୍ଥିତ ଗ୍ରାମବାସୀଙ୍କ ସହ ଆଲୋଚନା କରି ଫେରିଥିବା ଜଣାପଡିଛି।

# ନୂତନ ପଞ୍ଚାୟତ ଘୋଷଣା ନେଇ ଜିଲାପାଳଙ୍କୁ ଭେଟିଲେ ବିଚ୍ଛିନ୍ନାଞ୍ଚଳବାସୀ

ମାଲକାନଗିରି,୨୭।୧୦ (ଡି.ଏନ.ଏ.)

ନୂତନ ପଞ୍ଚାୟତ ଘୋଷଣା ଓ ରାସ୍ତା ନିର୍ମାଣ ପାଇଁ ବୁଧବାର ଜିଲାପାଳ ବିଶାଲ ସିଂଙ୍କୁ ଭେଟିଛନ୍ତି ବିଚ୍ଛିନ୍ନାଞ୍ଚଳ ନାକାମାମୁଡି ପଞ୍ଚାୟତବାସୀ। ମାଲକାନଗିରି ଜିଲାର ଏହି ପଞ୍ଚାୟତ ପୂର୍ବରୁ କୁଡୁମୁଲୁଗୁମ୍ମା ବ୍ଲକ ଅଧୀନରେ ଥିଲା। କୁଡୁମୁଲୁଗୁମ୍ମା ବ୍ଲକକୁ ଚିତ୍ରକୋଣ୍ଡାକୁ ସ୍ଥାନାନ୍ତର ପରେ ବର୍ତ୍ତମାନ କୋରୁକୋଣ୍ଡା ବ୍ଲକ ଅଧୀନରେ ନାକାମାମୁଡି ପଞ୍ଚାୟତ ରହିଛି । ତେବେ ଅଧିକ ଦୂରତା ହେଉଥିବାରୁ ପଞ୍ଚାୟତବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ପ୍ରଶାସନକୁ ଅବଗତ କଲେ ମଧ୍ୟ କିଛି ପଦକ୍ଷେପ ନିଆଯାଉ ନ ଥିବାରୁ ଆଗାମୀ ଦିନରେ ପଞ୍ଚାୟତ ନିର୍ବାଚନ ବର୍ଜନ କରିବାକୁ ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି। ଏହି ପଞ୍ଚାୟତର ୧୯ଟି ୱାର୍ଡରେ ୩୩ଟି ଗ୍ରାମର ୭ ହଜାରରୁ ଅଧିକ ଭୋଟର ରହିଛନ୍ତି। ୭ଟି ୱାର୍ଡର ୧୫ଟି ଗ୍ରାମର ୬ ହଜାରରୁ ଅଧିକ ଗ୍ରାମବାସୀ ଚିତ୍ରକୋଣ୍ଡା ଜଳଭଣ୍ଡାର ମଧ୍ୟରେ ରହୁଛନ୍ତି। ଆଉ କେତେକ ଗ୍ରାମ ପାହାଡ ପର୍ବତ ମଧ୍ୟରେ ରହୁଛି। ଗ୍ରାମଗୁଡିକ ନାକାମାମୁଡି ପଞ୍ଚାୟତଠାରୁ ୪୦/୫୦ କି.ମି. ଦୂର ହେଉଥିବାରୁ ଲୋକେ ଚାଲିଚାଲି ଆସି ଭତ୍ତା ଟଙ୍କା ଓ ପିଡିଏସ୍ ଚାଉଳ ନେବାକୁ ୨ଦିନ ଲାଗିଯାଉଛି। ପଞ୍ଚାୟତବାସୀ ନିଜ ପଞ୍ଚାୟତକୁ ଆସି ସରକାରୀ ସୁବିଧା ସୁଯୋଗ ପାଇବାରେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି । ଏହି ପଞ୍ଚାୟତର ବାୟାପଡ, ଆମ୍ଭିଲିବେଡା, ନାରିଙ୍ଗିଝୋଲା, ମୁଦୁଲିଗୁଡ଼ା ଭଳି ବହୁ ଗ୍ରାମରୁ ଆଦିବାସୀ ଦିଦାଇ ଜନଜାତିର ଗ୍ରାମବାସୀ ଆସି ଜିଲାପାଳଙ୍କୁ ଭେଟି ନାକାମାମୁଡି ପଞ୍ଚାୟତକୁ ଭାଗକରି ବାୟାପଡା ଓ ମୁଦୁଲିଗୁଡାରେ ୨ଟି ନୂତନ ପଞ୍ଚାୟତ ଘୋଷଣା କରିବାକୁ ଦାବି କରିଛନ୍ତି। ସେହିପରି ସ୍ଥାନୀୟ ଅଞ୍ଚଳରେ ଯାତାୟାତ ପାଇଁ ଭଲ ରାସ୍ତା ନିର୍ମାଣ କରିବାକୁ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏନେଇ ଜିଲାପାଳ ସିଂଙ୍କୁ ପଚାରିବାରୁ ସେ କହିଛନ୍ତି, ଯେଉଁ ଅଞ୍ଚଳରେ ଲୋକସଂଖ୍ୟା ଅଧିକ ହେବ ସେ ଅଞ୍ଚଳରେ ନୂତନ ପଞ୍ଚାୟତ ଗଠନ କରାଯିବ। ପଞ୍ଚାୟତବାସୀ କରିଥିବା ଯାତାୟାତ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

# ୨ସ୍ଥାନରେ ବିଜେଡିର ମିଶ୍ରଣ ପର୍ବ

କାଲିମେଳା/ମାଲକାନଗିରି, ୨୭।୧୦(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକରେ ବୁଧବାର ୨ଟି ସ୍ଥାନରେ ବିଜେଡି ପକ୍ଷରୁ ମିଶ୍ରଣ ପର୍ବ ତଥା କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପିଭି-୮୦ରେ ଜିଲା ବିଜେଡି ପକ୍ଷରୁ ଅନୁଷ୍ଠିତ ମିଶ୍ରଣ ପର୍ବରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଜିଲା ବିଜେଡିର କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରସାଦ ତ୍ରିପାଠୀ, ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଜିଲା ସାଧାରଣ ସମ୍ପାଦକ ଗୋପାଳକୃଷ୍ଣ ପଣ୍ଡା, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମୀ, ଜୋନ-୧ ସଭାପତି ଶମ୍ଭୁ ବାଗ୍‌ଚୀଙ୍କ ଉପସ୍ଥିତିରେ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ଦଳରେ ଯୋଗଦେଇଥିଲେ। ସେହିପରି ଜୋନ୍-୨ ଅଧୀନରେ ଥିବା ବଡିଗେଟା ପଞ୍ଚାୟତର ଏମ୍‌ଭି-୭୦ ଗ୍ରାମ କାଳୀମନ୍ଦିର ପଡ଼ିଆଠାରେ କାଲିମେଳା ବ୍ଲକ ବିଜେଡି ପକ୍ଷରୁ ମିଶ୍ରଣ ପର୍ବ ସହ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏମ୍‌ପି ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ କିଭଳି ଦଳୀୟ ପ୍ରାର୍ଥୀମାନେ ବିଜୟୀ ହେବେ ସେ ନେଇ ବିଶଦ ଆଲୋଚନା ହୋଇଥିଲା। ପୂର୍ବତନ ବିଧାୟକ ମାଡକାମୀ, ଜିଲା କାର୍ଯ୍ୟକାରୀ ସଭାପତି, ଗୋପାଳକୃଷ୍ଣ ପଣ୍ଡା, ବିଶ୍ୱନାଥ ରେଡ୍ଡି ,ଦିଲୀପ ବିଶ୍ୱାସ, ଏମ୍‌ପି ପ୍ରତିନିଧି ଇ. ଭେଙ୍କଟ ରାଓ, ସୁବ୍ରତ ସିଲ, ପ୍ରମୋଦ ପଟ୍ଟନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ । ବ୍ଲକ ସଭାପତି ଶରତ ଚନ୍ଦ୍ର ବିଶ୍ୱାଳ ପରିଚାଳନା କରିଥିଲେ ।

